### ଧର୍ମଶାଳାରେ ସମ୍ପତ୍ତି ହଡ଼ପ୍ ପାଇଁ ଯୁବକଙ୍କୁ ହତ୍ୟା ଘଟଣା

# ଚାରିମାସ ପରେ ରୁଜୁ ହେଲା ଏତଲା

**ଯାଜପୁର, ୨୨।୨(ସମିସ)**

ଧର୍ମଶାଳା ଥାନା ଅନ୍ତର୍ଗତ ଗଙ୍ଗାଧରପୁର ଗ୍ରାମରେ କୋଟି କୋଟି ଟଙ୍କାର ପୈତୃକ ସମ୍ପତ୍ତି ହଡ଼ପ୍ କରିନେବା ପରେ ଘଟଣାକୁ ଚାପିଦେବା ପାଇଁ ଜଣେ ଯୁବକଙ୍କୁ ତାଙ୍କ ବଡ଼ଭାଇ, ଭଉଣୀ ଓ ପରିବାର ଲୋକେ ମିଳିମିଶି ହତ୍ୟା କରିବା ଅଭିଯୋଗର ଏତଲାକୁ ପୁଲିସ ୪ ମାସ ପରେ ପଞ୍ଜୀକରଣ କରିଥିଲା। ତେବେ ଏତଲା ପଞ୍ଜୀକରଣକୁ ଇତିମଧ୍ୟରେ ଅଢ଼େଇ ମାସ ବିତିଯିବାକୁ ବସିଥିଲେ ମଧ୍ୟ ଏତେ ବଡ ସ୍ପର୍ଶକାତର ଘଟଣାର ତଦନ୍ତ ପ୍ରକ୍ରିୟାରେ କୌଣସି ଅଗ୍ରଗତି ଘଟିନାହିଁ। ପୁଲିସର ଏତାଦୃଶ ନିରବତା ଯୋଗୁଁ ଅଭିଯୋଗ କାରିଣୀ ବିଧବା ମହିଳା ଓ ତାଙ୍କ ଦୁଇ ପିଲାଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଛି।

ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲା ଜେନାପୁର ଥାନା ରାମଚନ୍ଦ୍ରପୁର ଗ୍ରାମର ବିକ୍ରମ ବେହେରାଙ୍କ ଭଉଣୀ ଝରଣା ଧର୍ମଶାଳା ଥାନା ଗଙ୍ଗାଧରପୁର ଗ୍ରାମର ମକରଧ୍ୱଜ ସାହୁଙ୍କ ପୁଅ ପ୍ରଶାନ୍ତ ସାହୁଙ୍କୁ ବିବାହ କରିଥିଲେ। ତାଙ୍କର ଗୋଟିଏ ୧୬ ବର୍ଷର ପୁଅ ଓ ୧୯ ବର୍ଷର ଝିଅ ଅଛନ୍ତି। ଶାଶୁ ଘରଲୋକେ ସ୍ୱାମୀକୁ ହାତକରି ଝରଣାଙ୍କ ଉପରେ ଅତ୍ୟାଚାର କରିବା ଯୋଗୁଁ ସେ ଜୀବନ ବିକଳରେ ଶାଶୂଘରୁ ଚାଲିଆସି ପୁଅଝିଅ ସହିତ ବାପଘରେ ରହୁଥିଲେ। ଗତ ଜୁଲାଇ ୨୦ ତାରିଖରେ ଶେଷଥର ପାଇଁ ପ୍ରଶାନ୍ତ ଶଶୁର ଘରକୁ ଆସି ନିଜ ପିଲାମାନଙ୍କ ସହ କଥାହୋଇ କିଛିଦିନ ମଧ୍ୟରେ ସମସ୍ତଙ୍କୁ ତାଙ୍କ ଘରକୁ ନେଇ ଯିବାକୁ କହି ଯାଇଥିଲେ। ତେବେ ଅଭିଯୋଗକାରିଣୀ ଦୁଇ ପିଲାଙ୍କ ସହ ତାଙ୍କ ବାପଘରେ ଥିବା ସମୟରେ ଗତ ଅଗଷ୍ଟ ୨ ତାରିଖରେ ତାଙ୍କ ଘରଡିହ ସହ ଧର୍ମଶାଳା ତହସିଲର ଜାରକା ନୂଆଗାଁ ମୌଜାରେ ଥିବା ୨ଏକର ୨୨ ଡେସିମିଲ, ଗଙ୍ଗାଧରପୁର ମୌଜାରେ ଥିବା ୬୪ ଡେସିମିଲ ଓ ପଲାର ମୌଜାରେ ଥିବା ୩୯ ଡେସିମିଲ (ମୋଟ ୩ ଏକର ୨୫ ଡେସମିଲ) ବହୁ କୋଟି ଟଙ୍କାର ପୈତୃକ ସମ୍ପତ୍ତିକୁ ତଞ୍ଚକତା କରି ତାଙ୍କ ବିବାହିତା ନଣନ୍ଦ ଓ ଦେଢ଼ଶୁର ନିଜ ନାମରେ କରାଇ ନେଇଥିଲେ। ଜମି କବଲା ହେବାର ୧୩ ଦିନ ପରେ ଅର୍ଥାତ ଅଗଷ୍ଟ ୧୫ ତାରିଖରେ ନଣନ୍ଦଙ୍କ ଘରେ ତାଙ୍କ ସ୍ୱାମୀଙ୍କ ଅସ୍ୱାଭାବିକ ଭାବେ ମୃତ୍ୟୁ ଘଟିଥିଲା। ଯେଉଁ ନଣନ୍ଦ



ତଞ୍ଚକତା କରି ତାଙ୍କ ସମ୍ପତ୍ତି ହଡ଼ପ୍ କରିଛନ୍ତି ତାଙ୍କରି ଘରେ ସ୍ୱାମୀଙ୍କ ମୃତ୍ୟୁ ହୋଇଥିବାରୁ ସମ୍ପତ୍ତି ହଡ଼ପ୍ ପାଇଁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଝରଣା ଜାଣି ପାରିଥିଲେ। ଏପରିକି ତାଙ୍କ ସ୍ୱାମୀ ପଢ଼ାଲେଖା ଜାଣିଥିବା ସହିତ ନିଜର ଦୁଇ ପିଲା ଓ ସ୍ତ୍ରୀ ଥାଉଥାଉ ସେ କିପରି ନିଜର ଘରଡିହ ସହିତ ସମସ୍ତ ପୈତୃକ ସମ୍ପତ୍ତିକୁ ଅନ୍ୟ ନାମରେ କବଲା କରିଦେଲେ ଓ ହୋଇଥିବା କବଲାରେ ଦସ୍ତଖତ ବଦଳରେ ସେ କିପରି କେବଳ ଟିପଚିହ୍ନ ଦେଇ ସମ୍ପତ୍ତି ହସ୍ତାନ୍ତର କଲେ ତାହା ଅଧିକ ସନ୍ଦେହ ସୃଷ୍ଟି କରିଥିଲା। ଯାହାକୁ ନେଇ ଝରଣା ବାରମ୍ବାର ଧର୍ମଶାଳା ଥାନା ଏବଂ ଏସପି, ଡିଜିପି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବା ପରେ ୪ ମାସ ପରେ ଏତଲାକୁ ପଞ୍ଜୀକରଣ କରିଥିଲା ପୁଲିସ। ଅଭିଯୋଗ କାରିଣୀ ଝରଣା ସାହୁଙ୍କୁ ଧର୍ମଶାଳା ଥାନାକୁ ଡକାଇ ଗତ ଡିସେମ୍ବର ୯ ତାରିଖରେ ତାଙ୍କ ଏତଲାକୁ ଥାନା କେଶ ନଂ ୭୪୩/୨୫ରେ ପଞ୍ଜିକୃତ କରିବା ସହ ଅଭିଯୁକ୍ତମାନଙ୍କ ବିରୋଧରେ ନରହତ୍ୟା ଓ ମିଳିତ ଷଡ଼ଯନ୍ତ୍ର କରି ସମ୍ପତ୍ତି ହଡ଼ପ୍ ପରି ଦଫା ରୁଜୁ କରି କେଶ ପଞ୍ଜୀକରଣ କରିଥିଲା। ଏଥିସହ ଅଭିଯୁକ୍ତମାନଙ୍କ ବିରୋଧରେ ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବ ଓ ତାଙ୍କୁ ନ୍ୟାୟ ମିଳିବ ବୋଲି ପୁଲିସ ଝରଣାଙ୍କୁ ପ୍ରତିଶ୍ରୁତି ଦେଇଥିଲା। ତେବେ ଏତଲା ପଞ୍ଜୀକରଣକୁ ଅଢ଼େଇ ମାସ ବିତି ଯାଇଥିଲା ବେଳେ ଅଭିଯୁକ୍ତ ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ତ ଦୂରର କଥା ଅଦ୍ୟାବଧି ଏହି ମାମଲାରେ ପୁଲିସ ତଦନ୍ତର ଚିହ୍ନବର୍ଣ୍ଣ ମିଳିନାହିଁ ବୋଲି ଅଭିଯୋଗ କାରିଣୀ କ୍ଷୋଭର ସହ ଅଭିଯୋଗ କରିଛନ୍ତି।

## ଦେଶୀ ମଦ ଜବତ; ୨ ଗିରଫ

**ପାଣିକୋଇଲି, ୨୨।୨(ସମିସ):** ପାଣିକୋଇଲି ପୁଲିସ ଦୁଇଟି ସ୍ଥାନରେ ଚଢ଼ାଉ କରି ଦେଶୀ ମଦ ଜବତ କରିବା ସହ ୨ଟି ମାମଲା ରୁଜୁ କରି ୨ଜଣଙ୍କୁ ଗିରଫ କରିଛି। ପ୍ରକାଶଯେ ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ନାଉଡପୁର ଛକରେ ଦେଶୀ ମଦ ବିକ୍ରି ଖବର ପାଇଁ ସନ୍ଧ୍ୟା ପାଟ୍ରୋଲିଂ ସମୟରେ ନାଉଡ଼ପୁର ଛକରେ କନେଷ୍ଟବଳ ଭୀମ ନାୟକ ଓ ଖଗେଶ୍ୱର ମଲିକ ଚଢାଉ କରିଥିଲେ। ନାଉଡ଼ପୁର ଗ୍ରାମର କୈଳାସ ଦଳେଇକୁ ସନ୍ଦେହଜନକ ଭାବେ ଧରିବାରୁ ତା ନିକଟରୁ ଏକ ଜରି ବ୍ୟାଗରେ ୨୫ଟି ଆସ୍କାଫର୍ଟି ପାଉଚ ଜବତ କରିଥିଲେ। ସେହିପରି ସବଇନ୍ସପେକ୍ଟର ମିନତୀ ବେହେରା ସନ୍ଧ୍ୟା ପାଟ୍ରୋଲିଂ ସମୟରେ ଏହି ଥାନା ଅନ୍ତର୍ଗତ ମୁଲରୀ ଗ୍ରାମର କରୁଣାକର ମଲ୍ଲିକଙ୍କ ଠାରୁ ବୋତଲରେ ଭର୍ତ୍ତି ଦୁଇ ଲିଟର ଓ ଏକ ଜାରକିନରେ ୫ଲିଟର ମହୁଲି ମଦ ଜବତ କରିଥିଲେ। ଏନେଇ ଦୁଇଟି ମାମଲା ୫୩/୨୬ ଓ ୫୪/୨୬ ରୁଜୁ କରିବା ସହ ୨ଜଣଙ୍କୁ ଗିରଫ କରିଛି।

## ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

**କୟାଁଗୋଲା, ୨୨।୨(ସମିସ):** ଦଶରଥପୁର ବ୍ଲକ କନିକାପଡ଼ା ପଞ୍ଚାୟତ ମାନସିଂହପାଟଣା ଗ୍ରାମରେ ଭାଗେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରବିବାର ଅଙ୍କୁରାରୋପଣ, ଯଜ୍ଞଶାଳା ପ୍ରସ୍ତୁତି, କୁଣ୍ଡ ମଣ୍ଡଳ ପ୍ରସ୍ତୁତିକରଣ ସହ କଳସ ଶୋଭାଯାତ୍ରା ଆଦି ଅନୁଷ୍ଠିତ ହୋଇଯାଇଛି। ସୋମବାର ସୂର୍ଯ୍ୟପୂଜା, ଗୁରୁପୂଜା, ଧେନୁପୂଜା, ଯଜ୍ଞ ମଣ୍ଡପେ ସର୍ବ ଦେବଦେବୀ ପୂଜା, ମନ୍ଦିର ମଧ୍ୟେ ଲିଙ୍ଗ ସ୍ଥାପନ ପରେ ମଙ୍ଗଳବାର ସୂର୍ଯ୍ୟପୂଜା, ରୁଦ୍ରାଭିଷେକ, ଚଣ୍ଡୀପୂଜା ପୂର୍ଣ୍ଣାହୁତି ଆଦି କାର୍ଯ୍ୟକ୍ରମ ରହିଛି। ହଜାର ହଜାର ଶ୍ରଦ୍ଧାଳୁ ଭାଗେଶ୍ୱର ମହାଦେବଙ୍କ ମନ୍ଦିର ନିକଟରେ ଉପସ୍ଥିତ ରହି ଦର୍ଶନ କରିଛନ୍ତି।

## ମିଶନଶକ୍ତି ଜୀବିକା ମିଶନ ବୈଠକ



**ଧର୍ମଶାଳା, ୨୨।୨(ସମିସ):** ଧର୍ମଶାଳା ବ୍ଲକ ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମ ହଲରେ ମିଶନଶକ୍ତି ଓ ଜୀବିକା ମିଶନ ମା' ମାନଙ୍କର ଏକ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଅତିଥି ଭାବେ ଯୋଗଦେଇ ମିଶନଶକ୍ତି ଓ ଜୀବିକା ମିଶନରେ ମା'ମାନେ କିଭଳି ସରକାରୀ ଅର୍ଥରେ ଲାଭବାନ ହୋଇପାରିବେ ଓ ରାଜ୍ୟ ସରକାର ଏଥିଲାଗି ଏକ ଫଣ୍ଡ ଗଠନ କରିଥିବା ବେଳେ ମହିଳମାନେ ଏହାର ଫାଇଦା ନେଇପାରିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଶହ ଶହ ସଂଖ୍ୟାରେ ମିଶନଶକ୍ତି ଓ ଜୀବିକା ମିଶନର ମାମାନେ ଯୋଗଦେଇଥିଲେ।

## ବିଶ୍ୱ ହିନ୍ଦୁ ପରିଷଦର ନେତାଙ୍କୁ ସମ୍ବର୍ଦ୍ଧନା

**ପାଣିକୋଇଲି, ୨୨।୨(ସମିସ):** ବିଶ୍ୱ ହିନ୍ଦୁ ପରିଷଦର ଯୁବା ଶକ୍ତି ସଙ୍ଗଠନ ବଜରଙ୍ଗ ଦଳର ରାଷ୍ଟ୍ରୀୟ ସଂଯୋଜକ କିଶନ ଲାଲ ପ୍ରଜାପତଙ୍କ ବାଲେଶ୍ୱର ଜିଲ୍ଲା ବଜରଙ୍ଗ ଦଳର ତ୍ରୀଶୁଳ ଦୀକ୍ଷା କାର୍ଯ୍ୟକ୍ରମରେ ଓଡ଼ିଶା ପୂର୍ବ ପ୍ରାନ୍ତ ସଂଯୋଜକ ପ୍ରଭାତ ଭୂଷଣ ତ୍ରିପାଠୀ, ପ୍ରାନ୍ତ ମିଳନ କେନ୍ଦ୍ର ପ୍ରମୁଖ ବିପିନ ବିହାରୀ ପଣ୍ଡା, ପ୍ରାନ୍ତ ମହାବିଦ୍ୟାଳୟ ପ୍ରମୁଖ ଶ୍ୟାମ ସୁନ୍ଦର ଦାଶ, କେନ୍ଦ୍ରାପଡ଼ା ଜିଲ୍ଲା ବିଭାଗ ସଂଯୋଜକ ଚନ୍ଦ୍ରକାନ୍ତ କରଙ୍କ ସହିତ ଯୋଗ ଦେବାକୁ ଯାଉଥିବା ବେଳେ ଯାଜପୁର ଜିଲ୍ଲା ବିଶ୍ୱ ହିନ୍ଦୁ ପରିଷଦ ତରଫରୁ ସମ୍ପାଦକ ରାଜ କିଶୋର ମଲିକ ଏବଂ ସଂଯୋଜକ ବସନ୍ତ କୁମାର ପାତ୍ରଙ୍କ ନେତୃତ୍ୱରେ ପାଣିକୋଇଲି ଠାରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

## ନାଟ୍ୟ ନିର୍ଦ୍ଦେଶକ ଶତ୍ରୁଘ୍ନ ମହିଙ୍କ ପରଲୋକ



**ପାଣିକୋଇଲି, ୨୨।୨(ସମିସ):** ପାଣିକୋଇଲି ନିକଟସ୍ଥ ତଥା ଯାଜପୁର ବ୍ଲକ ମାଳଆନ୍ଦପୁରପୁର ପଞ୍ଚାୟତ ନମଟିକିରି ଗ୍ରାମର ନାଟ୍ୟ ନିର୍ଦ୍ଦେଶକ ଶତ୍ରୁଘ୍ନ ମହିଙ୍କର (୭୬) ନିଜ ବାସଗୃହରେ ପରଲୋକ ଘଟିଛି। ଶ୍ରୀ ମହି କିଛି ଦିନ ହେବ ଅସୁସ୍ଥ ହୋଇ ଘରେ ରହୁଥିଲେ। ୧୯୬୮ ମସିହାରେ ପ୍ରଥମେ ସେ ଯାତ୍ରା ଜଗତରେ ପାଦ ଥାପିଥିଲେ। ପ୍ରଥମେ ନାରୀ ଭୂମିକା ଓ ପରେ ଜଣେ ସଫଳ ଅଭିନେତା ଭାବେ କାର୍ଯ୍ୟକରିବା ପରେ ସେ ହୋଟେଲ ବ୍ୟବସାୟକୁ ଅପଣେଇଥିଲେ। ଏହା ସହିତ ଜଣେ ନାଟ୍ୟ ନିର୍ଦ୍ଦେଶକ ଭାବେ କାମ କରୁଥିଲେ। ପାଣିକୋଇଲି ବଜାର ଗଣେଶ କମିଟି ଓ ମେଳଣ କମିଟିର ଜଣେ ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟକରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ମାତ୍ରେ ପାଣିକୋଇଲିରୁ ତାଙ୍କ ବାସଭବନକୁ ଲୋକଙ୍କ ସୁଅ ଛୁଟିଥିଲା। ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ସମେତ ବହୁ ରାଜନୈତିକ ବ୍ୟକ୍ତି, ବୁଦ୍ଧିଜୀବୀ, ବ୍ୟବସାୟୀ କଳାକାର, ସାମ୍ବାଦିକ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଶେଷରେ ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରିବା ପରେ ଯାଜପୁରର ମହାବାରୁଣୀ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

## ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ

**ପ୍ରୀତିପୁର, ୨୨।୨(ସମିସ):** ବନ୍ଧମୁଣ୍ଡା ସ୍ଥିତ ମୁରଲୀଧର ହାଇସ୍କୁଲ ପରିସରରେ ସ୍କୁଲର ୧୯୭୭ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନ ଶିକ୍ଷକ ବାମନ ଚରଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସର ପ୍ରାପ୍ତ ଅନ୍ୟତମ ପ୍ରଧାନ ଶିକ୍ଷକ ବସନ୍ତ କୁମାର ଜେନା, ବିଶ୍ୱନାଥ ତ୍ରିପାଠୀ ଓ ସୁରେନ୍ଦ୍ର କୁମାର ଦ୍ୱିବେଦୀ ପ୍ରମୁଖ ଗୁରୁଜୀମାନେ ଅତିଥି ଭାବରେ ଯୋଗ ଦେଇଥିଲେ। ସଭା ସଂଯୋଜକ ଓ ସଞ୍ଚାଳକ ଭାବରେ ଡ.ଶ୍ରୀନିବାସ ତ୍ରିପାଠୀ, ନିତ୍ୟାନନ୍ଦ ମହାନ୍ତି ଯୋଗ ଦେଇଥିଲେ। ପ୍ରଥମେ ଗୁରୁପୂଜନ ସହିତ ଗୁରୁମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପ୍ରଦୀପ ନାଥଶର୍ମା, ଗଗନ ବିହାରୀ ପ୍ରଧାନ, ରବୀନ୍ଦ୍ର ମୁଦୁଲୀ, ଜଳଧର ପରିଡ଼ା ଓ ବାସୁଦେବ ଭୂୟାଁ ପ୍ରମୁଖ ଏହାର ସଞ୍ଚାଳନ ସହିତ କାର୍ଯ୍ୟକ୍ରମ ଆୟୋଜନରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ବୟସାଧିକ୍ୟ ସତ୍ତ୍ୱେ ପୁରାତନ ଛାତ୍ରଙ୍କ ମଧ୍ୟରୁ ଗୋଲେଖ ମିଶ୍ର, ସତ୍ୟାନନ୍ଦ ମାଟିଆ, ଗୋକୁଳ ଚନ୍ଦ୍ର ଧଳ, ମାନଗୋବିନ୍ଦ ପରିଡ଼ା, ବସନ୍ତ କୁମାର ପରିଡ଼ା, ମୁରଲୀଧର ଧଳ, ରୁଦ୍ରପ୍ରତାପ ନାୟକ, ଜ୍ଞାନବ ରାୟ, ଶରତ କୁମାର ଦାଶ, ପ୍ରଶାନ୍ତ କୁମାର ମହାନ୍ତି, ରବିନାରାୟଣ ବିଶ୍ୱାଳ, ବିଚିତ୍ରାନନ୍ଦ ଜେନା, ରବୀନ୍ଦ୍ର ମୁଦୁଲି, ତ୍ରିଲୋଚନ ବିଶ୍ୱାଳ, ଗୋବିନ୍ଦ ପ୍ରଧାନ ପ୍ରମୁଖ ଅତୀତକୁ ମନେ ପକାଇଥିଲେ। ଗଗନ ବିହାରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## 'କଳାର ପଣତ ତଳେ' ପୁସ୍ତକ ଲୋକାର୍ପିତ



**ପାଣିକୋଇଲି, ୨୨।୨(ସମିସ):** କୋରେଇ ବ୍ଲକ ଧନେଶ୍ୱର ପଞ୍ଚାୟତ ବେଗନାଠାରେ ଆଜି ପଣ୍ଡିତ ଡ. ସୂର୍ଯ୍ୟମଣି ଖୁଣ୍ଟିଆଙ୍କ 'କଳାର ପଣତ ତଳେ' ପୁସ୍ତକ ଲୋକାର୍ପଣ ହୋଇଯାଇଛି। ପ୍ରାକ୍ତନ ସାଂସଦ ଡ. ରାମଚନ୍ଦ୍ର ଖୁଣ୍ଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁସ୍ତକ ଲୋକାର୍ପଣ ଉତ୍ସବ ଓ 'କପିଳା ଘାଟର ଡଙ୍ଗା' କବିତା ପୁସ୍ତକରେ ମାନବିକ ଆବେଦନ ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଗୀତିକବି ନନ୍ଦକିଶୋର ସିଂହ, ମୁଖ୍ୟବକ୍ତା ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ, ସମ୍ମାନିତ ଅତିଥି ଭାବେ ଗୋକର୍ଣ୍ଣିକାର ସମ୍ପାଦକ ଡ. ରମାକାନ୍ତ ଜେନା, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଶିବ ଚରଣ ମାଝୀ, ଆଲୋଚକ ଭାବେ ଡ, ସୁବ୍ରତ ଦାସ, ଡ. ଶ୍ରୀହରି ଧଳ, ଡ. ଚିତ୍ତରଞ୍ଜନ ବେହେରା, ଡ. ଅକ୍ଷୟ କୁମାର ମହାନ୍ତି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୁସ୍ତକର ଲେଖକ ଡ. ଖୁଣ୍ଟିଆ 'ଆମ ଘର ସେଇଠି ଓ କପିଳା ଘାଟର ଡଙ୍ଗା' କବିତା ପାଠ କରିବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। କବି ଦୟାନିଧି ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଶ୍ରୀ ମାଝୀ 'କଳାର ପଣତ ତଳେ' ପୁସ୍ତକର ସମୀକ୍ଷା କରିଥିଲେ। ଦୀନବନ୍ଧୁ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।

## ସଂସ୍କୃତ ବିଭାଗର ବାର୍ଷିକ ପାଠଚକ୍ର



**ମଙ୍ଗଳପୁର/କୟାଁଗୋଲା, ୨୨।୨(ସମିସ):** ଦଶରଥପୁର ବ୍ଲକର ସାଧୁଗୌରେଶ୍ୱର ମହାବିଦ୍ୟାଳୟ ସଂସ୍କୃତ ବିଭାଗ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। 'ସଂସ୍କୃତ ସାହିତ୍ୟରେ ଭାରତୀୟ ଜ୍ଞାନ ପରମ୍ପରା' ଶୀର୍ଷକ ଆଲୋଚନାଚକ୍ରରେ ଅଧ୍ୟକ୍ଷ ଡ. ଜିତେନ୍ଦ୍ର କୁମାର ଦାଶ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ସଂସ୍କୃତ ଭାଷା ସାହିତ୍ୟର ବିଶିଷ୍ଟ ବିଦ୍ୱାନ ଡ. ମଧୁସୂଦନ ମିଶ୍ର ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଜଗନ୍ନାଥ ସଂସ୍କୃତିର ଗବେଷକ ଡ. କୃଷ୍ଣ କେଶବ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ପୁରୀ ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟ ସାହିତ୍ୟ ବିଭାଗର ମୁଖ୍ୟ ଡ. ବସନ୍ତ କୁମାର ମିଶ୍ର, ସମ୍ମାନିତ ବକ୍ତା ଭାବେ ବାକ୍ୟରଣ ବିଭାଗ ମୁଖ୍ୟ ପ୍ରଫେସର ଡ. ପୂର୍ଣ୍ଣଚନ୍ଦ୍ର ପାଢ଼ି ଯୋଗ ଦାନ କରିଥିଲେ। ବିଭାଗର ମୁଖ୍ୟ ଅଧ୍ୟାପିକା ସ୍ମିତାରାଣୀ ଭଞ୍ଜ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଡ. ଭଗ୍ୟଶ୍ରୀ ରାୟ ପାଠଚକ୍ରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅଧ୍ୟାପିକା ବିମାଳିନୀ କର ଧନ୍ୟବାଦ ଅର୍ପଣ କରିଥିଲେ। ସଂଘମିତ୍ରା ସାହୁ ବିଭାଗ ପ୍ରତି ଅବଦାନ ଥିବା ମହାପୁରୁଷ ମାନଙ୍କର ସ୍ମୃତି ଚାରଣ କରିଥିଲେ। ପାଠଚକ୍ରରେ ଅଧ୍ୟାପକ ଉମାକାନ୍ତ ସାହୁ, ଡ. ଶରତ ଚନ୍ଦ୍ର ସାହୁ, ଦେବୀ ପ୍ରସାଦ ସାହୁ, ପ୍ରଦୀପ କୁମାର ଶତପଥୀ, ରବିନାରାୟଣ ଦାଶ, ଡ. ସତ୍ୟରଞ୍ଜନ ନାୟକ, ଗଣେଶ ପ୍ରସାଦ ପଣ୍ଡା, ଅଧ୍ୟାପିକା ଡ. ସୁନୀତା ସାମଲ, ଶୁଭଲକ୍ଷ୍ମୀ ସେଠୀ, ତନ୍ମୟୀ ଦାସ, ଡ. ସୁମତି ଦେଇ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ବ୍ୟାସନଗରରେ ଭିଜନ କୋରେଇ ସମ୍ମେଳନ




**ବ୍ୟାସନଗର, ୨୨।୨(ସମିସ):** କୋରେଇ ନିର୍ବାଚନମଣ୍ଡଳୀର ସାମଗ୍ରିକ ବିକାଶ ଲକ୍ଷ୍ୟ ନେଇ କୋରେଇ ଭିଜନ ସମ୍ମେଳନ ରବିବାର ସ୍ଥାନୀୟ ବ୍ୟାସନଗରରେ ଅନୁଷ୍ଠିତ ହେଇଯାଇଛି। କୋରେଇ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଏହି କର୍ମଶାଳାରେ କୋରେଇର ବିଭିନ୍ନ ପଞ୍ଚାୟତ ଓ ପୌରପରିଷଦର ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ବିଭିନ୍ନ ସଂଗଠନର ନେତୃବୃନ୍ଦ ଯୋଗଦେଇଥିଲେ। ପରିଷଦର ସଭାପତି ଶ୍ରୀଧର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମେଳନୀରେ ମୁଖ୍ୟଅତିଥି ଭାବରେ କଟକ ବାରବାଟୀର ପୂର୍ବତନ ବିଧାୟକ ମହମ୍ମଦ ମୋକିମ ଯୋଗଦେଇ କୋରେଇର ବିକାଶ ପାଇଁ ଯେଉଁ ସମସ୍ୟା ଅଛି, ସେଗୁଡ଼ିକୁ ସାମୂହିକ ମୁକାବିଲାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହିତ ସବୁ ପ୍ରକାରର ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ଓଡ଼ିଶା ସୂଚନା ଅଧିକାରର ଆବାହକ ପ୍ରଦୀପ ପ୍ରଧାନ, କୋରେଇ ଉନ୍ନୟନ ପରିଷଦର ମୁଖ୍ୟ ଉପଦେଷ୍ଟା ତଥା ଜାତୀୟ ମାନବାଧିକାର କମିଶନ ସଦସ୍ୟ ମନୋଜ ଜେନା ଯୋଗଦେଇଥିଲେ। ପ୍ରାରମ୍ଭରେ ପରିଷଦର ସହସମ୍ପାଦକ ଅଶ୍ୱିନୀ କୁମାର ଦାସ ଅତିଥି ସ୍ୱାଗତ ଭାଷଣ ଦେଇଥିଲେ। ପରେ କୋରେଇ ଉନ୍ନୟନ ପରିଷଦର ସମ୍ପାଦକ ଆଲୋକ କୁମାର ଦାଶ ବିଶେଷଜ୍ଞମାନଙ୍କ ଦ୍ୱାରା ମୁଖ୍ୟତଃ ୪୫ଗୋଟି କୋରେଇର ମୁଖ୍ୟ ସାମୂହିକ ସମସ୍ୟାକୁ ନେଇକି ଯେଉଁ ଭିଜନ ଦସ୍ତାବିଜ ପ୍ରସ୍ତୁତ କରାଯାଇଥିଲା ତାହାକୁ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଅଭିଭାବକ ସଂଘର ସଭାପତି ବାସୁଦେବ ଭଞ୍ଜ, ବରିଷ୍ଠ ନାଗରିକ ମଞ୍ଚ ପାଣିକୋଇଲିର ସଭାପତି ତଥା ପରିଷଦର ଉପଦେଷ୍ଟା ନୃସିଂହ ଚରଣ ଦଳେଇ, ବାମପନ୍ଥୀ ନେତା ପ୍ରଫୁଲ୍ଲ ନାୟକ, ଆଲୋକ ମହାନ୍ତି, ଉପଦେଷ୍ଟା ମଦନ ମୋହନ କର, ଯାଜପୁର ଜିଲ୍ଲା ଲେଖିକା ସଂସଦ ବ୍ରଜେଶ୍ୱରୀ ସିଂହ, ସାମାଜିକ କର୍ମୀ ଶରତ ମଲିକ, ସନ୍ତୋଷ ବେହେରା, ଶଶୀଭୂଷଣ ମଲ୍ଲିକ ପ୍ରମୁଖ କୋରେଇ ବିଭିନ୍ନ ସମସ୍ୟା କଥା ନିଜ ବକ୍ତବ୍ୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଷଦର ଉପଦେଷ୍ଟା କୈଳାଶ ସାମଲ, ସତ୍ୟରଞ୍ଜନ ସ୍ୱାଇଁ, ଉପସଭାପତି ଅମୂଲ୍ୟ ଦାସ, ସସ୍ମିତା ସାହୁ, କୋଷାଧକ୍ଷ ପ୍ରସନ୍ନ ସ୍ୱାଇଁ, ବରିଷ୍ଠ ସଭ୍ୟ ବସନ୍ତ କୁମାର କର, ଜଳଧର ଜେନା, ଶରତ ଦାସ, ରବିନାରାୟଣ ରାଉତ, ଗୋକୁଳାନନ୍ଦ ମହାପାତ୍ର, ଶରତ ପୃଷ୍ଟି, ଅନିରୁଦ୍ଧ ମିଶ୍ର, ବୈଷ୍ଣବ ପାତ୍ର, ଭରତ ବେହେରା, ନାରାୟଣ ମଲ୍ଲିକ, ବିଚିତ୍ର ଜେନା, ବିନାୟକ ରାୟ, ତରୁଣ ସାହୁ, ନିରୁପମା ମଲ୍ଲିକ, ଶ୍ରୀକାନ୍ତ ମହାନ୍ତି, ଅଶୋକ ବେହେରା, ଦୀପକ ମହାପାତ୍ର, ଦିଲ୍ଲୀପ କର, ଗଣେଶ ପ୍ରସାଦ ମଲ୍ଲିକ, ସଞ୍ଜୟ, ସୂର୍ଯ୍ୟମଣି ମହାପାତ୍ର, ତାରିଣୀ ପଟ୍ଟନାୟକ, ସୂର୍ଯ୍ୟମଣି ପାତ୍ର, ଶିବପ୍ରସାଦ ପଣ୍ଡା, ରବୀନ୍ଦ୍ର ଦାସ, ପ୍ରଭାକର ସାହୁ, ଲକ୍ଷ୍ମୀଧର ଦାଶ, କାହ୍ନୁ ଚରଣ ମହାବିଦ୍ୟାଳୟର ଅଧକ୍ଷ ଡ. ମୋହନ ଚରଣ ଖୁଣ୍ଟିଆ, ଗୟାଧର ମଲିକ, ପ୍ରଶାନ୍ତ ବିଶ୍ୱାଳ, ପ୍ରତିମା ଦାସ, ସାରଥୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପରିଷଦର ବରିଷ୍ଠ ସଦସ୍ୟ ରବିନାରାୟଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଅସହାୟ ପରିବାରକୁ ସହାୟତା ପ୍ରଦାନ

**ଧର୍ମଶାଳା, ୨୨।୨(ସମିସ):** କୋଟପୁର ପଞ୍ଚାୟତ ମୁରତପୁର ଗ୍ରାମର ବାସହରା ଜଣେ ବିଧବାଙ୍କୁ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଦେଢ଼ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। କୋଟପୁର ପଞ୍ଚାୟତ ମୁରତପୁର ଗ୍ରାମରେ ସୁଲୋଚନା ନାୟକ ନାମକ ଜଣେ ବିଧବା ମହିଳା ନିଜର ଏକ ଭିନ୍ନକ୍ଷମ ପୁଅକୁ ନେଇ ଭଙ୍ଗାଚାଳିଆ ଘରେ ରହିଆସୁଥିବା ବେଳେ ବର୍ଷା ଓ ଖରାରେ ଘରେ ଚଳିବା ତାଙ୍କ ପକ୍ଷେ ଅସମ୍ଭବ ହୋଇପଡ଼ିଥିଲା। ଏନେଇ ବିଭିନ୍ନ ସ୍ଥାନରେ ଗୁହାରୀ କରି ହତାସ ହୋଇଥିଲେ। ଗତ ୧୫ ତାରିଖରେ କୋଟପୁର ଠାରେ ଅନୁଷ୍ଠିତ ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଯୋଗଦେବାକୁ ବିଧାୟକ ଶ୍ରୀ ସାହୁ ଯାଇଥିବା ବେଳେ ବିଧବା ଜଣକ ତାଙ୍କୁ ଭେଟି ଭଙ୍ଗା କୁଡିଆ ଘରେ ଚଳିବା ସମ୍ଭବପର ହେଉନଥିବାରୁ ପକ୍କା ଘରଟିଏ କରି ଦେବାକୁ ଅନୁରୋଧ କରିଥିଲେ। ତେବେ ବିଧବା ଜଣକ ସରକାରୀ ଜାଗାରେ ରହୁଥିବାରୁ ସେଠାରେ ତାଙ୍କୁ ସରକାରୀ ବାସଗୃହ ଯୋଗାଇ ଦେବା ସମ୍ଭବପର ହୋଇନଥିଲା। ଏହାକୁ ବିଧାୟକ ଶ୍ରୀ ସାହୁ ଅତି ଗୁରୁତର ଭାବେ ଗ୍ରହଣ କରି ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ସହାୟତାରେ ବାସହୀନ ବିଧବାଙ୍କୁ ଆଜି ଦେଢ଼ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ସେହିପରି ଏହି ନିର୍ବାଚନ ମଣ୍ଡଳୀ ଜାବରା ଠାରେ ରହୁଥିବା ଶୁଭାସିନୀ ପାଲଙ୍କୁ ଘର କରିବା ପାଇଁ ଟ୍ରଷ୍ଟ ପକ୍ଷରୁ ଦେଢ଼ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଟ୍ରଷ୍ଟ ପକ୍ଷରୁ ଆଜି ୧୫ ନଂ ଜୋନ ବିଜେପି ମଣ୍ଡଳ ସଭାପତି ପ୍ରଶାନ୍ତ କୁମାର ନାୟକ, ନିଗମାନନ୍ଦ ଦାସ, ଦିବଜ୍ୟୋତି ପରିଡ଼ା, ସଞ୍ଜିତ ସାମଲ, ଅଚ୍ୟୁତ ଦଳାଇ, ସୌମେନ୍ଦ୍ର ସାମଲ, ବିଭୁ ଦଳାଇ ପ୍ରମୁଖ ଟ୍ରଷ୍ଟର ସଦସ୍ୟମାନେ ସେଠାରେ ପହଁଚି ନୂତନ ଗୃହ ନିର୍ମାଣ ପାଇଁ ସୁଭାଶିନୀଙ୍କୁ ଦେଢ଼ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

### ଶୁଖିଗଲାଣି ଆମ୍ବ ନଈ

# ବିପଦରେ ୩ ଶହ ଏକର ଡାଲୁଅ ଧାନ

**ପ୍ରୀତିପୁର, ୨୨।୨(ସମିସ)**

ଆମ୍ବ ନଈର ନାଳରୁ ପାଣି ଶୁଖିଯିବାରୁ ୩ଶହ ଏକର ଜମିରେ ଡାଲୁଅ ଚାଷ କରିଥିବା ଚାଷୀମାନଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ୭ଟି ଗାଁର ଚାଷୀମାନେ ଏନେଇ ପ୍ରଶାସନର ସହଯୋଗ ଲୋଡିଛନ୍ତି। ପ୍ରକାଶ ଯେ ବିଞ୍ଝାରପୁର ବ୍ଲକର ତାଲୁକପଡ଼ା ଠାରୁ ଅଣ୍ଡାଲୋ ପର୍ଯ୍ୟନ୍ତ ବର୍ଷାଦିନରେ ଜଳ ନିଷ୍କାସନ ହେଉନଥିବାରୁ ବର୍ଷାଦିନିଆ ଧାନ ପଚି ନଷ୍ଟ ହୋଇଯାଉଥିବାରୁ ଚାଷୀମାନେ ଏହି ଧାନଚାଷ ୨୦୨୦ ମସିହାରୁ ଚାଷ କରିବା ଛାଡ଼ି ଦେଇଥିଲେ। ସେମାନେ ଚଳିତ ବର୍ଷ ଡାଲୁଅ ଧାନ ଚାଷ କରିଥିଲେ। ଶତାଧିକ ଚାଷୀ ପ୍ରାୟ ତିନିଶହ ଏକର ଜମିରେ ଡାଲୁଅ ଚାଷ କରିଥିଲେ। ତାଲୁକପଡ଼ା ଠାରୁ ଅଣ୍ଡାଲୋ ପର୍ଯ୍ୟନ୍ତ ଚାଷୀ ମାନେ ଏହି ଚାଷର ଜଳସେଚନ ପାଇଁ ଚାଷୀମାନେ ଆମ୍ବ ନଈର ନାଳର ପାଣି ଉପରେ ନିର୍ଭର କରୁଥିଲେ। ରୁଆ ପୋତା ପରେ ମାଘ ଫଗୁଣ ମାସରେ ବର୍ଷା ହେଉଥିବାରୁ ନାଳପାଣି ଓ ବର୍ଷା ପାଣିରେ ରବି ଧାନ ଫସଲ ସଫଳ ଉତ୍ପାଦନ ହେଉଥିଲା। ଦୁଃଖର କଥା ଚଳିତ ବର୍ଷ ଅଧିକ ଚାଷୀ ରବି ଧାନ ଚାଷ ପ୍ରତି ଆକର୍ଷିତ ହୋଇଥିଲେ। ମାତ୍ର ବର୍ଷା ନହେବା, ପାଣିପମ୍ପର ବହୁଳ ପ୍ରୟୋଗ ଫଳରେ ନାଳରୁ ପାଣି ଶୁଖିବାକୁ ଆରମ୍ଭ କରିଥିଲା। ଯେଉଁ କେତେଜଣ ଜଳନିଧି ଯୋଜନାରେ ଉଠା ଜଳସେଚନ ପଏଣ୍ଟ ବସାଇଛନ୍ତି ତାହା ସମୁଦ୍ରକୁ ଶଙ୍ଖେ ପରି। ରାହାସ, ଗୁହାଳି, ଶିଶିରଣା ଗିରାମମାନଙ୍କର ଚାଷୀମାନେ ବିଧାୟିକା ପ୍ରମିଳା ମଲିକଙ୍କୁ ଭେଟି କେନାଲ ପାଣି ଛାଡିବା ପାଇଁ ଧାନ ଫସଲକୁ ବଞ୍ଚାଇ ରଖିବା ପାଇଁ ଅନୁରୋଧ କରିଥିଲେ। ବିଧାୟିକା ଶ୍ରୀମତୀ ମଲିକ ପ୍ରଶାସନକୁ ଭେଟି କେନାଲ ଜଳ ଯୋଗାଇ ଦେବାର ବ୍ୟବସ୍ଥା କରିଥିଲେ। ମାତ୍ର ଆକୁଳିଆ ଠାରୁ ଖରିଆ ପର୍ଯ୍ୟନ୍ତ ବହଳ ଦଳ ପ୍ରତିବନ୍ଧକ ସାଜିଥିଲା। ମଇଁଦା ନିକଟରେ କେନାଲ ଜଳ ବୋହି ଯାଉଥିବାରୁ ଶିଶିରଣା ଆମ୍ବନାଳ ନିକଟକୁ ବୁନ୍ଦାଏ ପାଣି ପହଞ୍ଚି ପାରିଲାନାହିଁ। ନାଳର ପାଣି କମିଯିବାରୁ ମାଛ ନଷ୍ଟ ହେବାର ଆଶଙ୍କାରେ ମାଛଚାଷୀମାନେ ନାଳରୁ ପାଣି ବୁହାଇ ନେଇ ଏହାକୁ ଶୁଖାଇ ଦେଇଥିଲେ। ବର୍ତ୍ତମାନ ଚାଷ କରିଥିବା ଚାଷୀ ଓ ଭାଗଚାଷୀ ମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଫସଲକୁ ବଞ୍ଚାଇ ରଖିବା ପାଇଁ କିପରି ପାଣି ମିଳିବ ସେଥିପାଇଁ ଚାଷୀ ପରିବାରରେ ଭାଳେଣି ପଡ଼ିଛି। ଖରିଆ ନାଳରୁ ଦଳ ସଫା କରାଯାଇ ଅନ୍ୟୁନ ଏକମାସ ପାଇଁ କେନାଲ ପାଣି ଯୋଗାଇ ଦେବାପାଇଁ ବିଧାୟିକାଓ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଆଞ୍ଚଳିକ କୃଷି ଉନ୍ନୟନ ପରିଷଦର ସଭାପତି ବୀରଭଦ୍ର ସାମଲ, ବିନୋଦ ସାମଲ, ନିରାକାର ମଲିକ, ପ୍ରାକ୍ତନ ସରପଞ୍ଚ ଉମାକାନ୍ତ ମଲିକ, ଶିକ୍ଷାବିତ୍ ରାମଚନ୍ଦ୍ର ନାୟକ, ହେମନ୍ତ କୁମାର ସାମଲ, ପ୍ରମୋଦ କୁମାର ସାମଲ, ଅନୀଲ କୁମାର ସାମଲ, ପ୍ରଦୀପ୍ତ କୁମାର ସାମଲ, ବସନ୍ତ କୁମାର ସେଠି, ଧନେଶ୍ୱର ସାମଲ, ଉମେଶଚନ୍ଦ୍ର ସାମଲ, ସୁରେଶ ସାମଲ, ପ୍ରଶାନ୍ତ କୁମାର ସାମଲ, ସୁଶାନ୍ତ ସାମଲ ଓ ଧନେଶ୍ୱର ଦାସଙ୍କ ସମେତ ଶତାଧିକ ଚାଷୀ ନିବେଦନ କରିଛନ୍ତି।



ସକାଳ THE SAKALA


### ହଜିହଜି ଯାଉଛି କୃଷି ଦ୍ରବ୍ୟର ସ୍ୱାଦ

# ରାସାୟନିକ ସାର ଓ କୀଟନାଶକର ବହୁଳ ବ୍ୟବହାର

ବନ୍ତ/ଆଗରପଡ଼ା,୨୨।୨(ସମିସ):



ପ୍ରକୃତିର ପରିବର୍ତ୍ତନର ପ୍ରଭାବ ଚାଷ କ୍ଷେତ୍ରରେ ବହୁଳ ଭାବରେ ପଡୁଛି। ତେଣୁ ଋତୁଗତ ସମସ୍ୟାକୁ ଆଖି ଆଗରେ ରଖି ସ୍ୱଳ୍ପ ପରିଶ୍ରମରେ ଅଧିକ ଲାଭ ଆଶାରେ ଚାଷୀ କୃଷି କ୍ଷେତ୍ରରେ ବହୁଳ ପରିମାଣରେ ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ କରୁଥିବାରୁ ଏହାର ଫଳସ୍ୱରୂପ ଦିନକୁ ଦିନ ମାଟିର ମହକ ହଜିହଜି ଯାଉଛି। ଯାହାଦ୍ୱାରା ଉତ୍ପାଦିତ କୃଷି ଦ୍ରବ୍ୟର ସ୍ୱାଦ ଓ ଗନ୍ଧ କମିକମି ଯାଉଛି। ମାଟିର ନିଜର ପ୍ରାକୃତିକ ଉର୍ବରତା କେବଳ ଜୈବିକ ସାର ପ୍ରୟୋଗ ଫଳରେ ସୁରକ୍ଷିତ ରହିଥାଏ। ପ୍ରକୃତି କୋଳରେ ସବୁଜ କୃଷି ଉତ୍ପାଦନ ପ୍ରକ୍ରିୟା ଏକ ନିରନ୍ତର ପ୍ରକ୍ରିୟା ହୋଇଥିବାବେଳେ ପ୍ରକୃତିର ପରିବର୍ତ୍ତନ ଯୋଗୁଁ ଏଥିରେ ବର୍ତ୍ତମାନ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଏଭଳି ଏକ ବ୍ୟତିକ୍ରମ ଭିତରେ କୃଷିଜାତ ଦ୍ରବ୍ୟର ଉତ୍ପାଦନ ବୃଦ୍ଧି ପାଉଛି ସତ ମାତ୍ର ଏହାଦ୍ୱାରା ମାଟିର ଗୁଣବତ୍ତା କମି ଯାଉଥିବାବେଳେ ଉତ୍ପାଦିତ ଦ୍ରବ୍ୟ ପ୍ରଭାବିତ ହେଉଛି। ଗୋଟିଏ କ୍ଷେତରେ ବାରମ୍ବାର ଗୋଟିଏ ପ୍ରକାର ଫସଲ କରିବା ସହ ପର୍ଯ୍ୟାୟକ୍ରମେ ଏଥିରେ ରାସାୟନିକ ସାର ଓ କୀଟନାଶକର ବହୁଳ ବ୍ୟବହାର ହେବା ଦ୍ୱାରା ଏପରି ଅବସ୍ଥା ସୃଷ୍ଟି ହେଉଥିବାର ଜଣାପଡ଼ିଛି।

ବନ୍ତ ଅଞ୍ଚଳ ଏକ କୃଷି ପ୍ରଧାନ ଅଞ୍ଚଳ। ବିଶେଷତଃ ଧାନ ଚାଷ ଉପରେ ନିର୍ଭର କରୁଥିବା ଚାଷୀଙ୍କର ବର୍ଷା, ଖରା ଓ ଶୀତଦିନିଆ ପନିପରିବା ଚାଷ ପ୍ରତି ବିଶେଷ ଆଗ୍ରହ ରହିଥାଏ। ଦିନ ଥିଲା ଏହି ଅଞ୍ଚଳରୁ ଉତ୍ପାଦିତ ହେଉଥିବା କୃଷିଦ୍ରବ୍ୟର ସ୍ୱାଦ ଓ ଗନ୍ଧ ଥିଲା ନିଆରା। ଚାଷୀ ଦେଶୀ ବିହନ ଚାଷ କରି ସେଥିରୁ ସେ ବିହନ ରଖୁଥିଲେ। କ୍ଷେତରେ ବିଭିନ୍ନ ପ୍ରକାର ଜୈବ ଖତ ବ୍ୟବହାର କରୁଥିଲେ। ସେଥିରେ ଯେଉଁ କୃଷି ଦ୍ରବ୍ୟ ଉତ୍ପାଦନ ହେଉଥିଲା ଖାଉଟି ଉକ୍ତ କୃଷି ଦ୍ରବ୍ୟ ପ୍ରତି ଆକୃଷ୍ଟ ହେଉଥିଲେ। ଜୈବିକ ପଦ୍ଧତିରେ ଉତ୍ପାଦିତ କୃଷି ଦ୍ରବ୍ୟକୁ ଗାଁ ଗହଳି ଓ ଛକ ବଜାରଠାରୁ ଆରମ୍ଭ କରି ଆଗରପଡ଼ା ଓ ବନ୍ତ ଅଞ୍ଚଳରେ ଥିବା ସାପ୍ତାହିକ ହାଟରେ ବିକ୍ରିବଟା କରୁଥିଲେ। କିନ୍ତୁ ସମୟ ଚକ୍ରରେ ହଜିଯାଉଛି ଜୈବିକ ସାର ବ୍ୟହବାର କୃଷି ଦ୍ରବ୍ୟ। ଦେଶୀ ସ୍ଥାନରେ ବିଦେଶୀ ଦ୍ରବ୍ୟକୁ ନେବାକୁ ଖାଉଟିଙ୍କୁ ଏକ ପ୍ରକାର ବାଧ୍ୟ କରାଯାଉଛି। ଘର ଅଗଣାରେ ଶାଗ, ଲଙ୍କା, ଧନିଆପତ୍ର ଆଦି ଘରେ ବ୍ୟବହାର ପାଇଁ ଲଗାଇଲେ ମଧ୍ୟ ଚାଷୀ ଜୈବିକ ସାର ବଦଳରେ ରାସାୟନିକ ସାର ଓ କୀଟନାଶକର ବ୍ୟବହାର କରୁଥିବାର ଦେଖିବାକୁ ମିଳୁଛି। ସେହିପରି କ୍ଷେତରେ ରାସାୟନିକ ଘାସମରା ଔଷଧର ବ୍ୟବହାର କ୍ଷେତକୁ ପ୍ରଭାବିତ କରୁଛି। ଯଦ୍ୱାରା ଦିନକୁ ଦିନ କ୍ଷେତରୁ ହିତକାରୀ କୀଟଙ୍କ ବଂଶ ଲୋପ ପାଇଚାଲିଛି। ଚାଷୀ ତା' କ୍ଷେତରେ ଆଉ ଗୋବର ଖତର ବ୍ୟବହାର କରୁନାହିଁ। ଚାଷୀ ଚାଷ ଜମିର ଉର୍ବରତା ବଢ଼ାଇବା ପାଇଁ କ୍ଷେତରେ ଆଉ ସେହି ପ୍ରକାରର ଚାଷ କରୁଥିବା ଦେଖିବାକୁ ମିଳୁନି। ଏ କଥାକୁ ଚାଷୀ ମଧ୍ୟ ସ୍ୱୀକାର କରୁଛନ୍ତି। ତେଣୁ ଦିନକୁ ଦିନ ମାଟିର ଉର୍ବରତା କମିବା ସାଙ୍ଗକୁ ରାସାୟନିକ ସାର ଔଷଧର ବହୁଳ ବ୍ୟବହାର ଯୋଗୁଁ ବିଭିନ୍ନ ପ୍ରକାର ଭୟଙ୍କର ରୋଗ ମଧ୍ୟ ବଢ଼ି ଚାଲିଛି। ପରୋକ୍ଷରେ କହିବାକୁ ଗଲେ ଆମ୍ଭେମାନେ ବର୍ତ୍ତମାନ ବିଷ ଖାଇବାରେ ଲାଗିପଡ଼ିଛେ। ତେଣୁ ଚାଷୀକୁ ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ ପ୍ରବର୍ତ୍ତାଇବା ସହ ଓ ଚାଷ କ୍ଷେତରେ ବହୁଳ ପରିମାଣର ରାସାୟନିକ ସାର ଓ କୀଟନାଶକର ବ୍ୟବହାରଠାରୁ ଦୂରେଇ ରଖିବାକୁ ଚେଷ୍ଟିତ ହେବା ପାଇଁ ପ୍ରଶାସନ ବ୍ୟାପକ ସଚେତନତା ସୃଷ୍ଟି କରିବାର ପଦକ୍ଷେପ ନେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀଙ୍କ ସମେତ ପରିବେଶବିତ୍‌ମାନେ ମତ ପ୍ରକାଶ କରିଛନ୍ତି।

## କୀର୍ତ୍ତନ ମଣ୍ଡପ ଉଦ୍ୟୋକ୍ତାଙ୍କୁ ସମ୍ବର୍ଦ୍ଧନା



ବାରିକପୁର,୨୨।୨(ସମିସ): ନବଗ୍ରହ ପ୍ରତିଷ୍ଠା ଉପଲକ୍ଷେ ଭଣ୍ଡାରିପୋଖରୀ ବ୍ଲକ୍ ଚତୁର୍ଭୁଜପୁର ମାଳଦା ଛୋଟେଶ୍ୱର ପୀଠରେ ରବିବାର ଏକ ସମ୍ବର୍ଦ୍ଧନା ଉତ୍ସବ ସାମ୍ବାଦିକ ଦୁର୍ଯ୍ୟୋଧନ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ୱାମୀ ରାଜ ରାଜେଶ୍ୱରୀ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ସଦସ୍ୟା ରୀତାଞ୍ଜଳି ସାମଲ, ବରିଷ୍ଠ ନାଗରିକ ସୁଦାମ ଚରଣ ଦାସ, ଯୁବ ନେତା ପ୍ରତ୍ୟୁଷ ସାମଲ, ଅଜୟ କୁମାର ରାଉତ ପ୍ରମୁଖ ଯୋଗଦେଇ ବୈଦିକ ଅନୁଷ୍ଠାନ ଯୋଗୁଁ ଗ୍ରାମରେ ସୁନ୍ଦର ଭାଇଚାରା ସୃଷ୍ଟି ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ସରକାରୀ ପ୍ରୋତ୍ସାହନ ବିନା ଗ୍ରାମର ଯୁବ ଉଦ୍ୟୋକ୍ତା ଇଂ.ଦେବଦତ୍ତ ବାରିକ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି କୀର୍ତ୍ତନ ମଣ୍ଡପ ନିର୍ମାଣ, ମହାଦେବଙ୍କ ପୀଠରେ ଦେବଦେବୀଙ୍କ ବାସସ୍ଥଳୀ ଓ ନବଗ୍ରହ ସ୍ଥାପନ କରି ପ୍ରତିଷ୍ଠା କରିଥିବାରୁ ଅତିଥିମାନେ ତାଙ୍କୁ ସାଧୁବାଦ ଜଣାଇଥିଲେ। ସାମ୍ପ୍ରତିକ ସମୟରେ ପ୍ରତ୍ୟେକ ଗ୍ରାମର ଶିକ୍ଷିତ ଯୁବକମାନେ ଏଭଳି ବୈଦିକ ଅନୁଷ୍ଠାନ ନିର୍ମାଣରେ ମନୋନିବେଶ କରିବା ଉଚିତ୍ ବୋଲି ମୁଖ୍ୟ ଅତିଥି କହିଥିଲେ। ଏହି ଅବସରରେ ଗ୍ରାମବାସୀମାନଙ୍କ ତରଫରୁ ଅତିଥିମାନେ ଦେବଦତ୍ତ ଓ ତାଙ୍କ ପତ୍ନୀ ପ୍ରଜ୍ଞାପରମିତାଙ୍କୁ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ଗ୍ରାମବାସୀ ଗୋବର୍ଦ୍ଧନ ଦାସ, ଶଶିକାନ୍ତ ଦାସ, ପରେଶ ବେହେରା, କାର୍ତ୍ତିକ ଚନ୍ଦ୍ର ସାମଲ, ପ୍ରଭାକର ଦାସ, ନିରାକାର ବେହେରା, ବୃନ୍ଦାବନ ବେହେରା, ମନୋଜ ବେହେରା, କାହ୍ନୁଚରଣ ବାରିକ ପ୍ରମୁଖ ପରିଚାଳନା କରିଥିଲେ।

## ଅସହାୟ କର୍କଟ ପୀଡ଼ିତଙ୍କୁ ସହାୟତା ପ୍ରଦାନ



ଧାମନଗର,୨୨।୨(ସମିସ): ଭଦ୍ରକ ସମାଜ ମଙ୍ଗଳ ହୁଣ୍ଡିଦାନ ଶାଖା ତରଫରୁ ଅସହାୟ କର୍କଟ ପୀଡ଼ିତଙ୍କୁ ସହାୟତା ପ୍ରଦାନ କରାଯାଇଛି। ଏହି ଅବସରରେ ନବଜୀବନ ଫାଉଣ୍ଡେସନର ରାଜ୍ୟ ମୁଖ୍ୟ ମାନସ ରଞ୍ଜନ ସାହୁଙ୍କ ସଂଯୋଜନାରେ ରାଜ୍ୟ ସମାଜ ମଙ୍ଗଳ ହୁଣ୍ଡି ଭଦ୍ରକ ଶାଖା ପକ୍ଷରୁ ବେତାଳିଗାଁ ହାଟ ଗାନ୍ଧୀ ମଣ୍ଡପଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଧାମନଗର ବ୍ଲକ୍ ଧୂଷୁରୀ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ହସନାବାଦ ସରପଞ୍ଚ ଅଜୟ ମଲ୍ଲିକ, ହାଇକୋର୍ଟ ଆଇନଜୀବୀ ଦେବାଶିଷ ସାମଲ, ବ୍ଲକ୍ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ବେହେରା, ଶିକ୍ଷାବିତ୍ କ୍ଷୀରୋଦ ବଳ, ସାମ୍ବାଦିକ ନରେନ୍ଦ୍ର ସାମଲ, ଅବସରପ୍ରାପ୍ତ ସୈନିକ କାଶୀନାଥ ମହାନ୍ତି, ଅଧ୍ୟାପକ ବିଜୟ କୁମାର ଦାଶ, ଚାଷୀ ନେତା ପୀତବାସ ମହାନ୍ତି, ବ୍ରଜେନ୍ଦ୍ର ମହାନ୍ତି, ବରିଷ୍ଠ ନାଗରିକ ତ୍ରିଲୋଚନ ଦାସ, ବିଦ୍ୟାଧର ବାରିକ, ସମାଜସେବୀ ବିରଞ୍ଚି ନାରାୟଣ ମହାଳିକ, ଦୀପ୍ତିରଞ୍ଜନ ବିଶ୍ୱାଳ, ଯୁବ ନେତା କାଳନ୍ଦୀ ସେଠୀ, ହିମାଂଶୁ ଜେନା, ଜୟ ପ୍ରକାଶ ନାୟକ, ଚନ୍ଦନ ଜେନା ପ୍ରମୁଖ ଅତିଥି ଭାବରେ ଯୋଗଦେଇ ପାଳସାହି ପଞ୍ଚାୟତ ଯେନାସାହିର କର୍କଟ ପୀଡ଼ିତା ଝୁନୁରାଣୀ ଯେନାଙ୍କୁ ୧୦ ହଜାର ୧୩୮ ଟଙ୍କା ପ୍ରଦାନ କରାଯାଇଥିଲା। ସମାଜ ମଙ୍ଗଳ ହୁଣ୍ଡିର ପ୍ରତିଷ୍ଠାତା ସମାଜସେବୀ ନାରାୟଣ ଚନ୍ଦ୍ର ଓଝାଙ୍କ ଅସହାୟ କର୍କଟ ପୀଡ଼ିତଙ୍କୁ ସହଯୋଗ ଓ ଏଭଳି ଅଭିନବ ପ୍ରୟାସକୁ ପ୍ରଶଂସା କରିବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି। ସମାଜସେବୀ ମିଥୁନ ଯେନା, ସତ୍ୟ ସାଏନ୍ତ, ଶୁଭସ୍ମିତା ପଲାଇ, ଆଲୋକ ଦାସ, ସୌମ୍ୟ ରଞ୍ଜନ ସାହୁ, ଏଲିଲତା ନାୟକ, ଆୟୁଷ୍ମାନ ସାହୁ ଆଦି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶିକ୍ଷକ ଚିତ୍ରଭାନୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ନବଗ୍ରହ ମନ୍ଦିରର ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ

ବାସୁଦେବପୁର,୨୨।୨(ସମିସ): ବାସୁଦେବପୁର ପୌରପାଳିକାର ତେନ୍ତୁଳିଆ ଗାଁର ଶ୍ରୀଶ୍ରୀ ନବଗ୍ରହ ମହାପ୍ରଭୁଙ୍କର ୨୦ତମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ



ହୋଇଯାଇଛି। ଏହି ଅବସରରେ ଏକ କଳସ ଶୋଭାଯାତ୍ରାରେ ଘଟ ଉତ୍ତୋଳନ କରିଥିଲେ। ଶ୍ରୀଶ୍ରୀ ନବଗ୍ରହଙ୍କ ସହସ୍ର ନାମଯଜ୍ଞ, ବିଷ୍ଣୁ ଓ ଶିବଙ୍କର ସହସ୍ର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପଣ୍ଡିତମାନଙ୍କ ହୋମଯଜ୍ଞରେ ବେଦମନ୍ତ୍ର ଧ୍ୱନୀରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଭକ୍ତମାନଙ୍କ ଦ୍ୱାରା ଗୀତାପାଠ ଅନୁଷ୍ଠିତ ହୋଇଯାଇଛି। ତିନିଦିନ ଧରି ଚାଲିଥିବା ବାର୍ଷିକ ଉତ୍ସବ ଶେଷ ହୋଇଯାଇଛି। ଶହଶହ ଭକ୍ତି ଅର୍ଘ୍ୟରେ ଭକ୍ତ ପୂଜାର୍ଚ୍ଚନା କରି ଆଶୀର୍ବାଦ କାମନା କରିଥିଲେ। ମନ୍ଦିର କମିଟି ପକ୍ଷରୁ ହଜାର ହଜାର ଭକ୍ତଙ୍କ ଲାଗି ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା। ଭଜନ ସନ୍ଧ୍ୟାରେ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ।

● ବାବାମଣି ଡିଗ୍ରୀ ମହାବିଦ୍ୟାଳୟରେ ମାନସିକ ଅବସାଦ କର୍ମଶାଳା

## ସୁଖମୟ ଜୀବନ ନିମନ୍ତେ ମାନସିକ ସୁସ୍ଥତା ଜରୁରୀ

ଭଦ୍ରକ,୨୨।୨(ସମିସ): ଏକ ସୁଖମୟ ଜୀବନଯାପନ ନିମିତ ଶାରୀରିକ ସୁସ୍ଥତା ସହ ମାନସିକ ସୁସ୍ଥତା ମଧ୍ୟ ଖୁବ୍ ଜରୁରୀ। କିନ୍ତୁ ପ୍ରତିଯୋଗିତା ସମ୍ପନ୍ନ ଜଗତରେ ବ୍ୟକ୍ତି ନିଜର କାମନାକୁ ଚରିତାର୍ଥ କରିବାକୁ ଯାଇ ବିଫଳ ହେଲେ ଧୈର୍ଯ୍ୟହରା ହୋଇଥାଏ ଏବଂ ନିଜର କ୍ଷତି ସାଧନ କରିଥାଏ। ମାନସିକ ଅବସାଦ ଓ ଚାପର ବଶବର୍ତ୍ତି ହୋଇ ଆତ୍ମହତ୍ୟାର କରୁଣ କାହାଣୀ ବହୁ ଉଦାହରଣ ଆମପାଖରେ ଅଛି। ଏ ମାନସିକ ରୋଗର ଲକ୍ଷଣ କାରଣ ପ୍ରତିକାର ଆବଶ୍ୟକତା ଦୃଷ୍ଟିରୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ବାବାମଣି ଡିଗ୍ରୀ କଲେଜ ଏନ୍‌ଏସ୍‌ଏସ୍ ସଂସ୍ଥା ସହଯୋଗରେ ଏକ ମାନସିକ ଅବସାଦ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଆଲୋଚକ କ୍ଲିନିକାଲ ସାଇକୋଲଜିଷ୍ଟ ଲୋନି ଲିଓନି ବେହେରା ଏ



ସମ୍ବନ୍ଧରେ ଉପସ୍ଥିତ ଶତାଧିକ ଛାତ୍ରଛାତ୍ରୀଙ୍କଠାରେ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ସଂଗ୍ରାମ କିଶୋର ମହାନ୍ତିଙ୍କ ସଞ୍ଚାଳନରେ ଏବଂ ଅଧ୍ୟାପକ ପ୍ରଶାନ୍ତ କୁମାର ଦାସଙ୍କ ସଭାପତିତ୍ୱରେ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଇଂ. ଅଭୟ ସୂତାର, ଅତିଥି ଭାବେ ଡ. ଅନିଲ ଦାସ, ଅଧ୍ୟାପକ ବିଜୟ କୁମାର ଦାଶ, କୋର୍ଡିନେଟର ଦେବେନ୍ଦ୍ର ନାୟକ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ +୨ ଅଧ୍ୟକ୍ଷ ନିହାର ରଞ୍ଜନ କର, ସୁବାସ ଚନ୍ଦ୍ର ପଣ୍ଡା, କେଶବକର ପଣ୍ଡା, ଶିବପ୍ରସାଦ ସାହୁ, ଲକ୍ଷ୍ମୀପ୍ରିୟା ରାଉତ, ମନ୍ଦାକିନୀ ମହାପାତ୍ର, କରିସ୍ମା ମହାନ୍ତି ପ୍ରମୁଖ ଅଧ୍ୟାପକ/ଅଧ୍ୟାପିକା ସହଯୋଗ କରିଥିଲେ।

## ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ଅବସରକାଳୀନ ସମ୍ବର୍ଦ୍ଧନା



ଦୋଳସାହି,୨୨।୨(ସମିସ): ତିହିଡ଼ି ବ୍ଲକ୍ ଅଧୀନ ତାଳପଦା ପଞ୍ଚାୟତର ଆଗିରିଆ ଗାଁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଓ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ସରପଞ୍ଚ ଦୀନବନ୍ଧୁ ପତି, ସମ୍ମାନିତ ଅତିଥି ମନୋରଞ୍ଜନ ନାୟକ, ରୂପେଶ ସାହୁ, ସରୋଜ ଦାସ, ଶିବବ୍ରତ ମିଶ୍ର, କାଲାମ୍ ଖାଁ, ରମାକାନ୍ତ ଦାସ, ଶନିଶ୍ଚର ମହାଳିକ ଭାବେ ଯୋଗଦେଇଥିଲେ। ଶିକ୍ଷକ ମାୟାଧର ସାହୁ ସଭାପତିତ୍ୱ କରିଥିବାବେଳେ ଶିକ୍ଷକ ମନ୍ମଥ କୁମାର ଦାସ ସଭା ପରିଚାଳନା କରିଥିଲେ। ଆଗିରିଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସଞ୍ଜୁଲତା ବେହେରା ବିଦ୍ୟାଳୟର ବିବରଣୀ ପାଠ କରିଥିଲେ। ବର୍ଣ୍ଣାଢ୍ୟ ପରିବେଶରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଉଜ୍ଜ୍ୱଳା ମଞ୍ଜରୀ ବାରିକ ଓ ପ୍ରଭାତୀ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁବାସ ବେହେରା, ବିଜୟ ବହେରା, ଭାସ୍କର ଚନ୍ଦ୍ର ବେହେରା, ରବିନାରାୟଣ ବେହେରା, ଦେବବ୍ରତ ଶତପଥୀ, ସଞ୍ଜୟ ମହାଳିକ, ସନ୍ତୋଷ ପାଣିଗ୍ରାହୀ, ଚନ୍ଦନ ମଳିକ ଓ ସମସ୍ତ ଗ୍ରାମବାସୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶ୍ରୀଗଣେଶ ସଂଗୀତ ବିଦ୍ୟାଳୟ ଅଧ୍ୟାପକ ଅଜୟ ପ୍ରଧାନ ଓ ସାଥୀ ଅଧ୍ୟାପକ, ଶିକ୍ଷାର୍ଥୀମାନେ "ବନ୍ଦେ ଉତ୍କଳ ଜନନୀ' ସ୍ୱାଗତ ସଂଗୀତ ଓ ବିଦାୟ ସଂଗୀତ ଗାନ କରିଥିଲେ। ପରିଶେଷରେ ମୁଖ୍ୟ ଅତିଥି ବିଦ୍ୟାଳୟର ପିଲାମାନଙ୍କୁ ପୁରସ୍କାର ଟ୍ରଫି ପ୍ରଦାନ କରିଥିଲେ।

■ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ମେଢ଼ କମିଟି ପାଇଁ ନିର୍ଦ୍ଦେଶନାମା

## ଡିଜେରେ ଲାଗିବନି ଭାଇବ୍ରେଟର

ଭଦ୍ରକ,୨୨।୨(ସମିସ): ଶ୍ରୀରାମ ନବମୀ ମହୋତ୍ସବକୁ ଭବ୍ୟ ଓ ଦିବ୍ୟ ଭାବେ ପାଳନ କରିବାକୁ ଯୋଜନା ପ୍ରସ୍ତୁତ କରିଛି ଶ୍ରୀରାମ ମହାଯଜ୍ଞ ସମିତି। ଚଳିତ ବର୍ଷ ଶ୍ରୀରାମ ନବମୀ ଦିନ ଅତି ଆକର୍ଷଣ ପାଲଟିଥିବା ନଗର ସଙ୍କୀର୍ତ୍ତନ ଶୋଭାଯାତ୍ରାକୁ ସରସ, ସୁନ୍ଦର ଓ ଶୃଙ୍ଖଳିତ ଭାବେ ପରିଚାଳନା ଉଦ୍ଦେଶ୍ୟରେ ସମସ୍ତ ମେଢ଼ କମିଟି ପାଇଁ ନିର୍ଦ୍ଦେଶନାମା ଏକ ପ୍ରେସ୍ ବିବୃତିରେ ଜାରି କରିଛି। ନିର୍ଦ୍ଦେଶନାମା ଅନୁସାରେ ମେଢ଼ ସହ ସଂଲଗ୍ନ ଥିବା ସାଉଣ୍ଡ ଗାଡ଼ିରେ ଭାଇବ୍ରେଟର ଲାଗିବ ନାହିଁ। ଯାହାକୁ ସୁପ୍ରିମକୋର୍ଟ ବ୍ୟାନ୍ କରିଛନ୍ତି। ଉଭୟ ମେଢ଼ ଓ ଡିଜେ ଗାଡ଼ିର ଉଚ୍ଚତା ଗ୍ରାଉଣ୍ଡ ଲେଭୁଲରୁ ୧୪ ଫୁଟ୍‌ରୁ କମ୍ ଏବଂ ଓସାର ୧୦ ଫୁଟ୍‌ରୁ କମ୍ ରହିବ। ନଗର ସଙ୍କୀର୍ତ୍ତନ ଶୋଭାଯାତ୍ରା ଦିନ ସମସ୍ତ ଶ୍ରୀରାମ ଭକ୍ତ ସାତ୍ୱିକ ଭୋଜନ ଗ୍ରହଣ କରିବାକୁ ଆଗ୍ରହ କରାଯାଇଛି। ଭଦ୍ରକ ପୌରପାଳିକା ଓ ଭଦ୍ରକ ବ୍ଲକ୍‌ରୁ ବାହାରୁଥିବା ସମସ୍ତ ମେଢ଼ ନେହେରୁ ଷ୍ଟାଡିୟମ୍‌ରେ ଅପରାହ୍ଣ ୩ଟାରେ ଏବଂ ଅନ୍ୟାନ୍ୟ ବ୍ଲକ୍ ଯଥାକ୍ରମେ ଖଇରା, ଚାନ୍ଦବାଲି, ଧାମନଗର, ତିହିଡ଼ି, ବାସୁଦେବପୁର, ବନ୍ତ ଓ ଭଣ୍ଡାରିପୋଖରୀ ବ୍ଲକ୍‌ରୁ ବାହାରୁଥିବା ମେଢ଼ଗୁଡ଼ିକ ନୂଆ ବସ୍‌ଷ୍ଟାଣ୍ଡ ଗୋଶାଳା ଛକରେ ଅପରାହ୍ଣ ୩ଟାରେ ପହଞ୍ଚିବେ। ପୁରୁଣା ବଜାରଆଡୁ ଆସୁଥିବା ମେଢ଼ଗୁଡ଼ିକ ମୋଚି ଛକରେ ଅପରାହ୍ଣରେ ୩ଟାରେ ମିଶିବେ। ଭଦ୍ରକ କଲେଜ ଛକଆଡୁ ଆସୁଥିବା ସମସ୍ତ ମେଢ଼ ବନ୍ତ ଛକରେ ଅପରାହ୍ଣ ୩ଟାରେ ମିଶିବେ। ଅସ୍ଥଳ ମେଢ଼ ଟାଉନ୍ ହଲ୍ ଛକରେ ଅପରାହ୍ଣ ୪ଟା ଏବଂ କୁଆଁଶ ମେଢ଼ ଅପରାହ୍ଣ ୪.୩୦ରେ ଟାଉନ୍ ଥାନା ଛକରେ ମିଶିବେ। ମଠସାହି ରାସ୍ତାରେ ଆସୁଥିବା ମେଢ଼ଗୁଡ଼ିକ ଗୋଶାଳା ଛକରେ ଅପରାହ୍ଣ ୪ଟାରେ ମିଶିବେ। ସମସ୍ତ ସୂଚନା ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ମେଢ଼ କମିଟିକୁ ଅବଗତ କରିଦିଆଯାଉଛି। ଯଦି କୌଣସି ମେଢ଼ ନିର୍ଦ୍ଧାରିତ ନିର୍ଦ୍ଦେଶନାମାକୁ ଅବମାନନା କିମ୍ବା ଅବଜ୍ଞା କଲେ ଉକ୍ତ ମେଢ଼ କମିଟି କ୍ଷେତ୍ରରେ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଶୃଙ୍ଖଳାଗତକାର୍ଯ୍ୟାନୁଷ୍ଠାନଗ୍ରହଣ କରାଯିବ।

## ପଲିଥିନ୍ ତଳେ ଚାଷୀଙ୍କ ଭାଗ୍ୟ



ବାରିକପୁର,୨୨।୨(ସମିସ): ଏବେ ରାଜ୍ୟରେ ଲଘୁଚାପଜନିତ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁଁ ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ବର୍ଷା ହୋଇପାରେ ବୋଲି ଅନୁମାନ କରାଯାଉଛି। ବର୍ଷା ହେଲେ ଖରିଫ୍ ଧାନ ବିକ୍ରି ପାଇଁ ଅପେକ୍ଷାରେ ଥିବା ଚାଷୀମାନେ ଭୀଷଣ କ୍ଷତିଗ୍ରସ୍ତ ହେବେ। ସେମାନଙ୍କର ବର୍ଷଯାକର ଅମଳ ସମ୍ପତ୍ତିକୁ ପଲିଥିନ୍ ଘୋଡ଼ାଇ ରଖିଛନ୍ତି।

ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ୍‌ର ୧୬ଟି ମଣ୍ଡିରେ ହଜାର ହଜାର କ୍ୱିଣ୍ଟାଲ ଧାନ ଗଚ୍ଛିତ ରହିଛି। ଏକ ସପ୍ତାହରୁ ଅଧିକ ହେବ ଜିଲ୍ଲା ମିଲର ସଂଘ ଶସ୍ୟ ସ୍ଥାନାନ୍ତରିତ କରୁନାହାନ୍ତି। ତେଣୁ ମଣ୍ଡିରେ ବସ୍ତା ବସ୍ତା ଧାନ ନାଟ ହୋଇ ରହିଛି। ବର୍ଷା ଆଶଙ୍କା କରି ସେଥିରେ ପଲିଥିନ୍ ଆବୃତ ହୋଇଥିଲେ ସୁଦ୍ଧା ତାହା ଶସ୍ୟ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ନୁହେଁ। ଯଦି ସାମାନ୍ୟ ବର୍ଷା ହୁଏ ତାହେଲେ କିଛି ପରିମାଣରେ ଧାନ ସୁରକ୍ଷା ହୋଇପାରିବ। ବର୍ଷାର ପରିମାଣ ବୃଦ୍ଧି ହେଲେ ଚାଷୀଙ୍କ ସର୍ବନାଶ ହେବ। ପ୍ରଶାସନ ଏଯାଏଁ ମଣ୍ଡିରୁ ଧାନ ନେବା ପାଇଁ କିଛି ବିକଳ୍ପ ବ୍ୟବସ୍ଥା କରୁନାହାନ୍ତି। ଫଳରେ ହଜାର ହଜାର ଚାଷୀ ଏବେ ସୁଦ୍ଧା ଧାନ ବିକ୍ରି କରି ନ ପାରି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଧାନ କ୍ରୟରେ ପୂର୍ବରୁ ଏଭଳି ଅବ୍ୟବସ୍ଥା କେବେ ବି ଦେଖାଦେଇ ନ ଥିଲା। ତେଣୁ ଚାଷୀମାନେ ଏବେ ଭାଗ୍ୟକୁ ଆଦରି ଧାନ ବିକ୍ରି ପାଇଁ କେବଳ ଦିନ ଗଣୁଛନ୍ତି।

## ଚୋରା ମଦ ବିକ୍ରିକୁ ବିରୋଧ; ଦୋକାନ ଭାଙ୍ଗିଲେ ଶତାଧିକ ମହିଳା



ଧାମନଗର/ଅସୁରାଳି,୨୨।୨(ସମିସ): ଧାମନଗର ବ୍ଲକ୍ ଓ ଧୂଷୁରୀ ଥାନା ଅନ୍ତର୍ଗତ ନଦିଗାଁ ପଞ୍ଚାୟତ ଅଧୀନସ୍ଥ ତିନିଘରିଆ ଗ୍ରାମରେ ଚୋରା ମଦ ବିକ୍ରିକୁ ନେଇ ଶତାଧିକ ମହିଳାଙ୍କ ଆକ୍ରୋଶ ଓ ଉତ୍ତେଜନା ସହିତ ଦୋକାନ ଭାଙ୍ଗିବା ଦୃଶ୍ୟ ଦେଖିବାକୁ ମିଳିଛି। କୋଚିଲା ନାୟକାଣୀ ପୀଠ ନିକଟରେ ବାବୁଲି ମଳିକ ଦୀର୍ଘଦିନ ଧରି ଅବାଧ ମଦ ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା। ସ୍ଥାନୀୟ ମହିଳାମାନେ ଏହାକୁ ବିରୋଧ କରି ଉକ୍ତ ଘର ଉପରେ ଚଢ଼ଉ କରିଥିଲେ। ମହିଳାମାନେ ବସ୍ତା ବସ୍ତା ମଦ ଜବତ କରିବା ସହିତ ଘରକୁ ଭାଙ୍ଗିଦେଇଥିବା ଦେଖିବାକୁ ମିଳିଥିଲା। ଏହା ସହ ରାସ୍ତା ଉପରେ ମଦ ବୋତଲ ଭାଙ୍ଗି ଦେବା ସହିତ ଘୋର୍ ବିରୋଧ କରିଥିଲେ। ଖବର ପାଇ ଧୂଷୁରୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ମହିଳାମାନଙ୍କୁ ବୁଝାସୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଏହି ମଦ ବିରୋଧୀ ଅଭିଯାନରେ ଭଗବତୀ ସାହୁ, ବାସନ୍ତୀଲତା ସାହୁଙ୍କ ସମେତ ବହୁ ମହିଳା ମଦ ବିରୋଧରେ ସାମିଲ୍ ହୋଇଥିବାବେଳେ ଉକ୍ତ ଅଞ୍ଚଳରେ ଚୋରା ମଦ ବିକ୍ରିକୁ ବିରୋଧ କରିଥିବାରୁ ମହିଳାମାନଙ୍କ ଏହି ପଦକ୍ଷେପକୁ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ମଦ ବିକ୍ରିକୁ ନେଇ ଧୂଷୁରୀ ଥାନାରେ କେସ୍ ନଂ ୧୮୪/୨୬ରେ ଏକ ମାମଲା ରୁଜୁ କରାଯାଇଛି ବୋଲି ଆଇଆଇସି ଅଜୟ କୁମାର ସୁଦର୍ଶନ ବେଜଙ୍କଠାରୁ ସୂଚନା ମିଳିଛି।

### ଆଉ ଦେଖିବାକୁ ମିଳୁନି ଓଡ଼ିଆ ଘରର ମୁଖ୍ୟ ଆଭିଜାତ୍ୟର ପ୍ରତୀକ

# ସମୟଚକ୍ରରେ ବିଲୁପ୍ତ ହେବାକୁ ବସିଛି ଅମାର

ବନ୍ତ/ଆଗରପଡ଼ା,୨୨।୨(ସମିସ):

ସମୟଚକ୍ରରେ ଗୋଟିକ ପରେ ଗୋଟିଏ ପୁରୁଣା ଜିନିଷର ଅନ୍ତର୍ଦ୍ଧାନ ପରିପ୍ରେକ୍ଷୀରେ ଏବେ ଅମାର ବି ଓଡ଼ିଆ ଘରୁ ବିଦାୟ ନେଇଛି। ଯଦିବା କେଉଁଠି କେମିତି ରହିଛି ତାହା ପୁଣି ଅଦରକାରୀ, ଅବ୍ୟବହୃତ ଆଉ ଭଗ୍ନପ୍ରାୟ।

ସୂଚନା ଅନୁଯାୟୀ, ଏକଦା ଆଭିଜାତ୍ୟର ପ୍ରତୀକ ଓ ଚାଷୀ ଘରର ଏକ ବଳିଷ୍ଠ ଖୁଣ୍ଟ ଭାବେ ପ୍ରତୀୟମାନ ଅମାରର ଉପସ୍ଥିତି ସେ ବେଳରେ ବେଶ୍ ପରିଚୟ ବହନ କରୁଥିଲା। ଓଡ଼ିଆ ଘରେ ଚାଷକୁ ପ୍ରାଧାନ୍ୟ ଦେଇ ପ୍ରତିବର୍ଷ ଚାଷରୁ ମିଳୁଥିବା ଅମାପ ଧାନକୁ ଯେଉଁ ସ୍ଥାନରେ ଠୁଳ କରି ସୁରକ୍ଷିତ ରଖାଯାଉଥିଲା ତାହାହିଁ ହେଉଛି ଅମାର ବା ଅମ୍ବାର। ଏହା ପ୍ରକାରାନ୍ତରେ କାଠପଟା, ମାଟି କାନ୍ଥ ଅଥବା ବହୁତ ସ୍ଥାନରେ ସିମେଣ୍ଟ ଘର ମଧ୍ୟରେ



ହୋଇଥାଏ। ଏମିତିକି ଚାଷୀ ତା'ର ଧାନକୁ ମାଟି ମଧ୍ୟରେ ପୋତି ଧାନକୁ ମଧ୍ୟ ରଖିଥାଏ କିମ୍ବା ଛଣରେ ତିଆରି ଧାନ ଓଳିଆ ଭିତରେ ମଧ୍ୟ ଧାନକୁ ନିରାପଦରେ ବର୍ଷ ବର୍ଷ ଧରି ରଖାଯାଏ। ଅମାର କିନ୍ତୁ ସବୁଠାରୁ ନିରାପଦ ଆଉ ସୁରକ୍ଷିତ ସ୍ଥାନ। ବିଶେଷ କରି ଆଗେ ଛଣଛପର ଘରେ ଅମାରର ଉପସ୍ଥିତି ବେଶ୍ ଗୁରୁତ୍ୱ ବହନ କରୁଥିଲା। ଘରର ଅମାରକୁ ଦେଖି ପରିବାର ସମ୍ପର୍କରେ ଅବଗତ ମଧ୍ୟ ହେଉଥିଲା। କହିବାକୁ ଗଲେ ଅମାରର ଗୁରୁତ୍ୱ ସେବେଳରେ ଯାହା ଥିଲା ତାହା ଏବେ ବିଲୁପ୍ତ ପ୍ରାୟ। କାଁ ଭାଁ କେଉଁଠି ଏବେ ଅମାରକୁ ଦେଖିବାକୁ ମିଳୁଛି। ଯଦିବା ତା'ର ଉପସ୍ଥିତି ଅନୁଭବ କରାଯାଉଛି ତାହା ପୁଣି ଜରାଜୀର୍ଣ୍ଣ ଓ ଅବ୍ୟବହୃତ। ଉକ୍ତ ଭଣ୍ଡାରଗୃହଟି ଏବେ ହୋଇଯାଇଛି ଅଦରକାରୀ। ଓଡ଼ିଆ ଘରର ମୁଖ୍ୟ ଆଭିଜାତ୍ୟର ପ୍ରତୀକ ଅମାର ଏବେ ଦେଖିବାକୁ ମିଳୁନି। ଆଧୁନିକ ଯୁଗରେ ସମୟଚକ୍ରରେ ଧାନ, ବିରି, ମୁଗ, ବାଦାମ ଭଳି ଖାଦ୍ୟଶସ୍ୟକୁ ସୁରକ୍ଷିତ ରଖିବାକୁ ଏବେ ବହୁ ପ୍ରକାର ମାଧ୍ୟମ ଉପଲବ୍ଧ ହେଉଥିବାରୁ ଅମାର ଏବେ ଅଦରକାରୀ ହୋଇପଡ଼ିଛି। ବର୍ତ୍ତମାନ ସମୟରେ ଚାଷ ଜମିରୁ ଓ ଧାନ ଖଳାରୁ ଧାନ ବିକ୍ରି ହୋଇଯାଉଥିବା ଫଳରେ ଅମାରର ଆବଶ୍ୟକତା ପଡୁନାହିଁ ବୋଲି ବହୁ ବରିଷ୍ଠ ଚାଷୀ କହୁଥିବାବେଳେ ଅମାର କ'ଣ ବୋଲି ଆଜିକା ପିଲା ପଚାରୁଥିବା ଶୁଣିବାକୁ ମିଳୁଛି। ବହୁ ବୟୋଜ୍ୟେଷ୍ଠ ବ୍ୟକ୍ତି ଅମାର ଆଗାମୀ ଦିନରେ ସମ୍ପୂର୍ଣ୍ଣ ଇତିହାସ ପାଲଟିଯିବ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି। ସୁତରାଂ ଓଡ଼ିଆ ଘରର ବହୁ ପାରମ୍ପରିକ ଜିନିଷର ଲୁପ୍ତପ୍ରାୟ ପରେ ଅମାର ଯେ ଏବେ ଆଉ ଦେଖିବାକୁ ମିଳିବନି ତାହା ଜଳଜଳ ଦିଶୁଥିବାବେଳେ ଆଗାମୀ ପିଢ଼ି କେବଳ ପଢ଼ା ବହିରେ ଅମାରର ଚିତ୍ର ଦେଖି ଅନୁଭବ କରୁଥିବେ ସିନା ବାସ୍ତବରେ କିନ୍ତୁ ଦେଖିପାରିବେନି, ତାହା ହିଁ ହେଉଛି ବିଡ଼ମ୍ବନା।

# ବାଲି ବୋଝେଇ ଟ୍ରାକ୍ଟର ଓଲଟି ଚାଳକ ଆହତ



କବାଟବନ୍ଧ,୨୨।୨(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ବୃନ୍ଦାଦେଇପୁର ପଞ୍ଚାୟତ ଅଧିନ ଦଇପୁର ଗ୍ରାମ ନିକଟରେ ନଦୀବନ୍ଧକୁ ଉଠୁଥିବା ବେଳେ ଏକ ଟ୍ରାକ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ପ୍ରାପ୍ତ ଖବର ଅନୁସାରେ ରବିବାର ମଧ୍ୟାହ୍ନରେ ଏକ ଟ୍ରାକ୍ଟର ବାଲି ବୋଝେଇ କରି ଦଇପୁର ଗ୍ରାମ ପଟରୁ ଜାରକା -କବାଟବନ୍ଧ ନଦୀବନ୍ଧ ରାସ୍ତାକୁ ଉଠୁଥିଲା। ବାଲି ବୋଝେଇ ହୋଇଥିବାରୁ ଟ୍ରାକ୍ଟରଟି ନଦୀବନ୍ଧକୁ ଉଠି ନ ପାରି ପଛକୁ ଗଡ଼ିପଡ଼ିଥିଲା। ଗାଡ଼ିଟି ଭାରଶାମ୍ୟ ହରାଇବାରୁ ଚାଳକ ମଧ ନିୟନ୍ତ୍ରଣ ହରାଇଥିଲେ। ଯାହା ଫଳରେ ଗାଡ଼ିର ଇଞ୍ଜିନଟି ଓଲଟି ପଡିଥିଲା। ଏଥିରେ ଚାଳକ ଜଣକ ଆହତ ହୋଇଥିଲେ। ଆହତ ଚାଳକ ଜଣକ ଜେନାପୁର ଥାନା ଅନ୍ତର୍ଗତ ମଧୁସୂଦନପୁର ପଞ୍ଚାୟତ ଅଧିକ ସୋରାଇ ଗ୍ରାମର ସତ୍ୟଜିତ ମଲ୍ଲିକ ବୋଲି ଜଣାପଡ଼ିଛି। ସ୍ଥାନୀୟ ଲୋକ ମାନେ ଆହତ ଙ୍କୁ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ଯୋଗେ ଧର୍ମଶାଳା ମେଡ଼ିକାଲକୁ ପଠାଇଥିଲେ। ସେଠାରେ ଚିକିତ୍ସା ପରେ ତାଙ୍କୁ କଟକ ମେଡିକାଲ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି।

# ରାଧାନାଥ ଟ୍ରେନିଂ କଲେଜ ପୁରାତନ ଛାତ୍ରୀଙ୍କ ସମାବେଶ

ଧର୍ମଶାଳା,୨୨।୨(ସମିସ): ଧର୍ମଶାଳା ଥାନା ଅନ୍ତର୍ଗତ ଜାରକାସ୍ଥିତ ତ୍ରିନାଥେଶ୍ୱର ମନ୍ଦିର ପରିସରରେ କଟକର ରାଧାନାଥ ଟ୍ରେନିଂ କଲେଜ ୧୯୮୫ ବ୍ୟାଚ ମହିଳା ଶାଖାର ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଯାଇଅଛି। ଉକ୍ତ ଉତ୍ସବରେ ବୀଣାପାଣି ସାହୁ ସଭାପତିତ୍ୱ କରିଥିଲେ। ପ୍ରଥମେ ଦିବଂଗତ ସହପାଠିନୀଙ୍କ ପାଇ ୧ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପଦ୍ମିନୀ ସାହୁଙ୍କ ସଂଯୋଜନାରେ ବାନ୍ଧବୀ ବିଦ୍ୟୁତପ୍ରଭା ଦାସ, ରିତା ବିଶ୍ୱାଳ, ମଞ୍ଜୁଲତା ପତି, ରିତାରାଣୀ ସାହୁ, ଶାନ୍ତିଲତା ପରିଡ଼ା, ଆରତୀ ଦାସ, ସରୋଜିନୀ ସାହୁ, ବେହେରା, ମିନତୀ ନନ୍ଦ, କିରଣ ମୟୀ ଦେବତା,ଅନୁପମ। ନାଥ ଶର୍ମା, ସୁରତି ଧଳ, ନଳିନୀ ଆଚାର୍ଯ୍ୟ, ଲକ୍ଷ୍ମୀ ମହପାତ୍ର, ଭାନୁମତୀ ସାହୁ, ଜୟନ୍ତୀ ଜେନା, ତୁଷାରବାଳା ଦାସ, ସୁଷମା ସ୍ୱାଇଁ, ତୁଳସୀ ଦାସ ପ୍ରମୁଖ ବହୁ ପୁରାତନ ବାନ୍ଧବୀ ଉପସ୍ଥିତ ରହି ପୁରୁଣା ଦିନର ସ୍ମୃତିକୁ ମନେ ପକାଇ ଥିଲେ। ସେମାନଙ୍କର ପରିବାର ସହଯୋଗ ଦେଇ ବନ୍ଧୁମିଳନ ପର୍ବକୁ ସଫଳ କରାଇ ଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୩୦ ଜଣ ଛାତ୍ରୀ ଯୋଗଦେଇଥିଲେ।

# ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ



ଧର୍ମଶାଳା,୨୨।୨(ସମିସ): ଧର୍ମଶାଳା ବ୍ଲକ ଅଣ୍ଡିଆ ପଞ୍ଚାୟତ କୁସ୍ତିରା ଗ୍ରାମର ଧର୍ମପରାୟଣ ବ୍ୟକ୍ତି ବାଇଧର ବେହେରାଙ୍କ ଆଜି ସକାଳ ୯.୩୦ ମିନିଟି ସମୟରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ବେହେରା କିଛି ଦିନ ତଳେ ହଠାତ ଅସୁସ୍ଥତା ଅନୁଭବ କରିଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡ଼ିକାଲରେ ଚିକିତ୍ସା କରାଉଥିଲେ। ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ଆଜି ସକାଳେ ତାଙ୍କର ତାଙ୍କର ପରଲୋକ ଘଟିଛି। ଆଜି ଭୁବନେଶ୍ୱରସ୍ଥିତ ମେଡିକାଲରୁ ତାଙ୍କ ମରଶରୀରକୁ ନିଜ ଗ୍ରାମକୁ ଅଣାଯିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ପରେ ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ପରିକ୍ରମା କରାଯିବା ସହ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସ୍ୱର୍ଗତ ବେହେରା ଜଣେ ଧର୍ମପରାୟଣ, ଜନପ୍ରିୟ ଓ ଅନୁଷ୍ଠାନ ପ୍ରେମୀ ବ୍ୟକ୍ତି ଥିଲେ। ବଡପୁଅ ବେଣୁଧର ବେହେରା ମୁଖାଗ୍ନି ଦେଇଥିଲେ।

# ଶ୍ରୀଜଗନ୍ନାଥ ସାହିତ୍ୟ ସଂସ୍କୃତି ପରିଷଦର ବାର୍ଷିକୋତ୍ସବ



ସିଂହପୁର,୨୨।୨(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସ୍ଥିତ ଶ୍ରୀଜଗନ୍ନାଥ ସାହିତ୍ୟ ସଂସ୍କୃତି ପରିଷଦର ଦଶମ ବାର୍ଷିକ ସାରସ୍ୱତ ସମାରୋହ ଏମ୍‌ଡିଏନ୍ ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଦୁର୍ଯ୍ୟୋଧନ ସାମଲଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସାହିତ୍ୟିକା ଡ. ସୁଲୋଚନା ଦାସ, ମୁଖ୍ୟବକ୍ତା ବିଶିଷ୍ଟ ସାହିତ୍ୟିକ ଡ. ବିଜୟାନନ୍ଦ ସିଂହ, ସମ୍ମାନିତ ଅତିଥି ଗ୍ରାମ ସ୍ୱରାଜର ସଭାପତି ବ୍ରହ୍ମାନନ୍ଦ ମହାନ୍ତି, ସହକାରୀ ଜିଲ୍ଲାପାଳ ଅଲିଭା ଧଳ, ଅତିରିକ୍ତ ତହସିଲଦାର ସୁନିତା ଦେହୁରି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଟେଟ୍ରା ହେଡେନେର ପ୍ରତିଷ୍ଠାତା ତ୍ରିଦେବ ବେହେରା, ସିଂହପୁର ବରିଷ୍ଠ ନାଗରିକ ମଞ୍ଚର ସଭାପତି ପଦ୍ମନାଭ ଦାଶ, ଖରସ୍ରୋତା ପୁସ୍ତକ ମେଳାର ସଭାପତି ପଦ୍ମାକର ଗୁରୁ, ସମାଜସେବୀ ବିଷ୍ଣୁଚରଣ ଭୂୟାଁ, ଶିକ୍ଷାବିତ୍ ନିତ୍ୟାନନ୍ଦ ସାମଲ, ଶିକ୍ଷାପ୍ରେମୀ ଅବନେନ୍ଦ୍ର ବେଉରିଆ, ଜନସେବୀ ଯଶୋବନ୍ତ ଦାସ, ଭେଷଜ ବିଶେଷଜ୍ଞ ଡ. ଲଳିତ ପ୍ରସାଦ ବେହେରା, ବୈଜ୍ଞାନିକ ଡ. କୁନ୍ଦନ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ ବେଦପାଠ ଓ କାର୍ଯ୍ୟକାରୀ ସଂପାଦକ ପ୍ରଦୀପ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସଂପାଦକ ସାମ୍ବାଦିକ ଅନିରୁଦ୍ଧ ବେଉରିଆ ସଂପାଦକୀୟ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ବାର୍ଷିକ ମୁଖପତ୍ର ଶ୍ରୀମୁଖ ଅତିଥିମାନେ ଉନ୍ମୋଚନ କରିଥିଲେ। ଉପସଭାପତି ତଥା ବରିଷ୍ଠ ନାଗରିକ ମଞ୍ଚର ସଂପାଦକ ସୁଶାନ୍ତ କୁମାର ନାୟକ ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ଥାଟୋଇ, ସହ ସଂପାଦକ ସୁବାସ ଚନ୍ଦ୍ର ପ୍ରଧାନ, ବିପିନ ବିହାରୀ ଜେନା, ମେଘନାଥ ମହାଳିକ, ଅକ୍ଷୟ କୁମାର ସାମଲ, ନାରାୟଣ ଚନ୍ଦ୍ର ଦାସ, ଚନ୍ଦ୍ରଶେଖର ନାୟକ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ଯୁଗ୍ମ ସମ୍ପାଦକ ଶିକ୍ଷକ ଭରତ ଚନ୍ଦ୍ର ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ପୋଖରୀ ଖୋଳା ନାଁରେ ମୋରମ୍ ଲୁଟ୍

ଯଖପୁରା,୨୨।୨(ସମିସ):





କଳିଙ୍ଗନଗରରେ ପୁଣି ମୋରମ ମାଫିଆ ସକ୍ରିୟ ହୋଇପଡ଼ିଛନ୍ତି। କିଛି ଦିନର ବିରାମ ପରେ ପୁଣି ଆରମ୍ଭ ହୋଇଯାଇଛି ମୋରମ ଚୋରା କାରବାର। ପ୍ରଶାସନକୁ ନିଜ ଆୟତ୍ତରେ ରଖି ପଙ୍କପାଳ ପଞ୍ଚାୟତର ପଞ୍ଚବାଟିଆ ମୌଜା ଆଦିବାସୀ ଗ୍ରାମ ଜଟରାପାଳ, କାଜୁ ବଗିଚା ଓ ବଙ୍ଗଳା ଛକ ନିକଟରେ ଥିବା ଜେସିଡିଏଲ୍ ପଛ ପଟରୁ ପ୍ରତିଦିନ ମୋରମ ଉଠୁଥିବାର ଦେଖିବାକୁ ମିଳୁଛି। ପ୍ରଥମେ ମୋରମ ମାଫିଆ ଜଟରାପାଳ ଗ୍ରାମ ନିକଟରେ ଥିବା ମାଙ୍କଡ଼ା ପଥର ଖାଦାନ ପାଖରୁ ସରକାରଙ୍କ ତରଫରୁ ପୋଖରୀ ଖୋଳାଯାଉଛି କହି ଶହ ଶହ ଟ୍ରିପ୍ ମୋରମ ଚୋରାଚାଲାଣ ହେଉଛି। ପୋଖରୀ ନାମରେ ଖୋଳା ଯାଉଥିବା ଜମି ପଙ୍କପାଳ ଗ୍ରାମର କିଛି ଅନୁସୂଚିତ ଜାତି ଲୋକଙ୍କର ସିଲିଂ ଜମି ହୋଇଥିବାର ଜଣାଯାଇଛି। ନିର୍ଦ୍ଦିଷ୍ଟ ସେହି ସିଲିଂ ଜମିରୁ ଜୋର ଜବରଦସ୍ତ ମୋରମ ଖୋଳି ନେଉଥିବାରୁ ସେମାନେ ବାଧ ହୋଇ ଯଖପୁରା ଥାନା ସମେତ ଦାନଗଦି ତହସିଲର ଦ୍ୱାରସ୍ଥ ହୋଇଛନ୍ତି। ତହସିଲରେ ଏ ବିଷୟରେ ଲିଖିତ ଅଭିଯୋଗ କରାଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଏହାରି ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

ଜଟରାପାଳ ଆଦିବାସୀ ଗ୍ରାମ ନିକଟରେ ଖୋଳା ଯାଉଥିବା ମୋରମ୍‌କୁ ରୋକିବା ନେଇ ପୁଲିସ ଓ ତହସିଲରେ ଅଭିଯୋଗ କରିବା ପରେ ଏବେ ମୋରମ୍ ଲୁଟିବାର ସ୍ଥାନ ପରିବର୍ତ୍ତନ କରାଯାଇଛି। ସେଠାରୁ ବନ୍ଦ ପରେ ଏବେ ବଙ୍ଗଳା ଛକ ନିକଟରେ ଥିବା ଜେସିଡିଏଲ୍ କାର୍ଯ୍ୟାଳୟ ପଛପଟେ ଥିବା ସ୍ଥାନରୁ ରୀତିମତ ମୋରମ ଉଠାଚାଲିଛି। ଜାତୀୟ ରାଜପଥରୁ ମାତ୍ର ୫୦୦ ମିଟର ଓ ବିଜୁ ପଟ୍ଟନାୟକ ମାର୍ଗରୁ ମାତ୍ର ୩୦୦ମିଟର ଦୂରତ୍ୱରୁ ମୋରମ ଚୋରା ଚାଲାଣ ହେଉଥିଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପ୍ରଶାସନ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ପ୍ରତ୍ୟେକ ଦିନ ରାତି ୧୦ରୁ ଭୋର ୪ଟା ପର୍ଯ୍ୟନ୍ତ ଏକ ବଡ଼ ହିଟାଚି ମେସିନ ମାଧ୍ୟମରେ ୭ରୁ ୮ ଗୋଟି ହାଇୱା ଗାଡିରେ ନିକଟସ୍ଥ ସଡ଼କ କାର୍ଯ୍ୟ ଚାଲୁଥିବା ୫୩ ନଂ. ଜାତୀୟ ରାଜପଥକୁ ଯୋଗାଇ ଦିଆଯାଉଛି। ପ୍ରତିଦିନ ୧୦୦ ଟ୍ରିପ୍‌ରୁ ଉର୍ଦ୍ଧ୍ୱ ହାଇୱା ଦ୍ୱାରା ମୋରମ ଉଠାଯାଉଛି। ମୋରମ ଚୋରା ଚାଲାଣକୁ ବନ୍ଦ କରିବା ପାଇଁ ସ୍ଥାନୀୟ ଗ୍ରାମବାସୀ ବାରମ୍ବାର ୧୧୨ ଜରୁରୀକାଳୀନ ସେବାକୁ ଫୋନ କଲେ ମଧ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏହାପରେ ମଧ ଲଘୁ ଖଣିଜ ଅଧିକାରୀଙ୍କୁ ଫୋନ କଲେ ମଧ ସେ ଫୋନ ଗ୍ରହଣ କରୁନାହାନ୍ତି ବୋଲି ଗ୍ରାମବାସୀ ଜଣାଇଛନ୍ତି। ଯଦି ମାଫିଆମାନେ ଖୁଲମଖୁଲା ଭାବେ ବିନା ପ୍ରତିବନ୍ଧକରେ ଏପରି ଲଘୁ ଖଣିଜ ଲୁଟି ଚାଲିବେ ଓ ପ୍ରଶାସନ ଏହାକୁ ଜାଣିଶୁଣି ଅଣଦେଖା କରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରେ ତେବେ ଆଗକୁ ଏଥି ନିମନ୍ତେ ଏକ ବିରାଟ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଜଣାଇଛନ୍ତି।

● ସରକାରୀ ଗାଇଡ୍ ଲାଇନର ଉଲ୍ଲଙ୍ଘନ

# ପାଳନ ହେଲାନି ସାମାଜିକ ନ୍ୟାୟ ଦିବସ

ଯାଜପୁର,୨୨।୨(ସମିସ): ସମାଜରେ ବସବାସ କରୁଥିବା ପ୍ରତ୍ୟେକ ନାଗରିକଙ୍କୁ ସେମାନଙ୍କୁ ଅଧିକାର ସଂପର୍କରେ ସଚେତନ କରିବା ସହିତ ବୟସ୍କ ଓ ବରିଷ୍ଠ ନାଗରିକମାନଙ୍କୁ ସେମାନଙ୍କୁ ସାମାଜିକ ନ୍ୟାୟ ଯୋଗାଇ ଦେବା ଦିଗରେ କାର୍ଯ୍ୟ କରିବା ପାଇଁ ଫେବୃଆରୀ ୨୦ ତାରିଖକୁ ବିଶ୍ୱ ସାମାଜିକ ନ୍ୟାୟ ଦିବସ ଭାବେ ପାଳନ କରାଯାଏ। ଏଥିପାଇଁ ସାରା ଦେଶରେ ସ୍ୱତନ୍ତ୍ର ଆୟୋଜନ କରିବା ପାଇଁ ନିୟମ ରହିଛି। ସେହି କ୍ରମରେ ରାଜ୍ୟ ସରକାର ପ୍ରତ୍ୟେକ ଜିଲ୍ଲାସ୍ତରରେ ପାଳନ କରିବା ପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗକୁ ଏହା ପାଳନ କରିବାକୁ ନିର୍ଦ୍ଦେଶ ଦେଇଥାନ୍ତି। ଚଳିତ ବର୍ଷ ବିଭାଗୀୟ ନିର୍ଦ୍ଦେଶକ ଗତ ଫେବୃଆରୀ ୨ ତାରିଖରୁ (ଚିଠି ନଂ ୧୪୧୧/୨୬)ରେ ଏକ ନିର୍ଦ୍ଦେଶନାମା ଜାରି କରି ଏହାକୁ ପାଳନ କରିବାକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ଚିଠି ମୁତାବକ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଉକ୍ତ ଦିନ ପାଳନ କରିଥିବା ବେଳେ ଯାଜପୁର ଜିଲ୍ଲାରେ ପାଳନ ନ ହେବା ବିଭାଗୀୟ ଅଧିକାରୀଙ୍କ ଅପାରଗତା ପଦାରେ ପଡିଛି। ସାମାଜିକ ନ୍ୟାୟ ପ୍ରଦାନ କ୍ଷେତ୍ରରେ ସାମାଜିକ ସୁରକ୍ଷା ବିଭାଗର କାର୍ଯ୍ୟକ୍ରମର ମୂଲ୍ୟବୋଧ ପ୍ରତି ସମ୍ବେଦନହୀନ ଓ ଆନ୍ତରିକହୀନତା ପ୍ରମାଣିତ କରୁଥିବା ଚର୍ଚ୍ଚା ହେଉଛି ଓ ଏହାକୁ ବିଭିନ୍ନ ବରିଷ୍ଠ ବୁଦ୍ଧିଜୀବୀ ମାନଙ୍କ ପକ୍ଷରୁ ନିନ୍ଦା କରାଯାଇଛି। ଏହି ଦିବସ ପାଳନ ପାଇଁ ସ୍ୱତନ୍ତ୍ର ବ୍ୟୟ ବରାଦ ହେବା ସହିତ ଆଗୁଆ ସୂଚନା ରହିବା ପରେ ମଧ କାହିଁକି ବିଭାଗ ଏହି ଦିବସ ପାଳନ କରିପାରିଲା ନାହିଁ ତାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି ବୋଲି ଅନେକ ସଚେତନ ନାଗରିକ ଦାବି ଜଣାଇଛନ୍ତି।

# ମେଡିକାଲରୁ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ଧର୍ମଶାଳା,୨୨।୨(ସମିସ): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନଂ.ଜାତୀୟ ରାଜପଥର ନେଉଳପୁରସ୍ଥିତ ଟ୍ରକ୍ ଆସୋସିଏସନ ପଛପଟୁ ପୁଲିସ ଆଜି ଏକ ମୃତଦେହକୁ ଉଦ୍ଧାର କରିଛି। ସୂଚନା ମୁତାବକ ନେଉଳପୁର ଛକସ୍ଥିତ ଜାତୀୟ ରାଜପଥ କଡ଼ରେ ଥିବା ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟ ପଛ ପଟେ ଆଜି ଏକ ଅଜଣା ବ୍ୟକ୍ତିର ମୃତଦେହ ପଡିଥିବା ଲୋକେ ଦେଖି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ସେଠାରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ଧର୍ମଶାଳା ଡାକ୍ତରଖାନାକୁ ଆଣିଥିଲା। ତେବେ ମୃତବ୍ୟକ୍ତି ଜଣକ କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଅନ୍ତର୍ଗତ ଜୁଙ୍ଗା ଗ୍ରାମର ଗନ୍ଧର୍ବସେନ ନାୟକ (୪୯) ବୋଲି ସନ୍ଧ୍ୟାରେ ଜଣାପଡିଛି। ଏନେଇ ଧର୍ମଶାଳା ଥାନା ପୁଲିସ ୭/୨୬ରେ ଏକ ଅପମୃତ୍ୟୁ ମମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ଆଜି ସନ୍ଧ୍ୟାରେ ମୃତକର ପରିବାର ପକ୍ଷରୁ ତାଙ୍କ ପୁଅ ସୌଭାଗ୍ୟସେନ ନାୟକ ଆସି ତାଙ୍କ ବାପାଙ୍କ ମୃତଦେହକୁ ଚିହ୍ନଟ କରିଥିଲେ। ତାଙ୍କ ପୁଅ ସୌଭାଗ୍ୟସେନଙ୍କ କହିବା ଅନୁସାରେ ଗତ ୧୬ ତାରିଖରେ କେନ୍ଦୁଝରରେ ଏକ ବାଇକ୍ ଦୁର୍ଘଟଣାରେ ସେ ଗୁରୁତର ଆହତ ହୋଇ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଥିଲେ। ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ପରିସ୍ରା ଯିବା ବାହାନାରେ ସେ ଗୁରୁବାର ୧୯ ତାରିଖ ରାତି ୧୦ଟାରୁ ସେ କେଉଁଆଡ଼େ ଫେରାର ହୋଇଯାଇଥିଲେ। ଗତକାଲି ଦିନ ବେଳା ନେଉଳପୁର ଛକରେ ବୁଲୁଥିବା ଲୋକମାନେ ଦେଖିଥିଲେ। ତେବେ ଆଜି ସକାଳୁ ସେଠାରେ ତାଙ୍କର ମୃତଦେହ ମିଳିଥିଲା। ତେବେ କଟକ ମେଡିକାଲରୁ ସେ କେଉଁ ପରିସ୍ଥିତିରେ ଏଠାକୁ ଆସିଲେ ଏବଂ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହେଲା ତାହାକୁ ନେଇ ପୁଲିସ ତଦନ୍ତ ଜାରିରଖିଛି।

# ସଦାନନ୍ଦପୁର ବିଦ୍ୟାଳୟର ବାର୍ଷିକ ଉତ୍ସବ

କୁଆଖିଆ,୨୨।୨(ସମିସ): ରସୁଲପୁର ବ୍ଲକ ଅନ୍ତର୍ଗତ ସଦାନନ୍ଦପୁର ଉନ୍ନୀତ ମଧ ଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ ଓଁକାର ଗୀତା ବାଣୀ ଭୂଷଣ ପରିଷଦର ଅଧକ୍ଷା ସରୋଜିନୀ ପତି ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ନିମ୍ନ ମାଧମିକ ଶିକ୍ଷକ ସଂଘ ଓଡ଼ିଶାର ରାଜ୍ୟ ସଭାପତି ବିକ୍ରମ କୁମାର ଦାସ, ମୁଖ୍ୟବକ୍ତା ଭାବେ ରାହାମ୍ବା ପଞ୍ଚାୟତ ସରପଞ୍ଚ ଚନ୍ଦନ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ରସୁଲପୁର ବ୍ଲକ ନିମ୍ନ ମାଧମିକ ଶିକ୍ଷକ ସଂଘର ସଭାପତି ଅରୁଣ କୁମାର ସ୍ୱାଇଁ, ଶିକ୍ଷକ ନେତା ବିଜୟ କୁମାର ଭଦ୍ର, ସାଧନ କେନ୍ଦ୍ର ସଂଯୋଜିକା ଦେବକୀ ପାତ୍ର, ପରିଚାଳନା କମିଟି ସଭାପତି ଯତୀଶ ଚନ୍ଦ୍ର ବେହେରା, ଅଙ୍ଗନବାଡ଼ି ଶିକ୍ଷୟିତ୍ରୀ ଆଶାଲତା ସାହୁ, ସୁବାସିନୀ ଦାସ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ଆଧାତ୍ମିକ ଗୁରୁମା ତଥା କଥାବାଚିକା ସରୋଜିନୀ ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ନିର୍ମଳା ଦାସ ବାର୍ଷିକ ବିବରଣୀ ପାଠ କରିଥିବା ସ୍ଥଳେ ଶିକ୍ଷୟିତ୍ରୀ କବିତା ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଅନୁପମା ନାୟକ ମାନପତ୍ର ପାଠ ଏବଂ ଶିକ୍ଷୟିତ୍ରୀ ମୋନାଲିସା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସହିତ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ତୁଷାର ଦାସ, ଦୁର୍ଯ୍ୟୋଧନ ବେହେରା, ମଧୁସ୍ମିତା ମହାନ୍ତି, ସୁରେଖା ମହାନ୍ତି ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ।



# ଚଣ୍ଡିଖୋଲ କଲେଜ ପୁରାତନ ଛାତ୍ର ସଂଘ ବୈଠକ

ବଡ଼ଚଣା,୨୨।୨(ସମିସ): ଚଣ୍ଡିଖୋଲ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂଘ ସାଧାରଣ ପରିଷଦ ବୈଠକ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ କଲେଜ ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପନ ଉତ୍ସବ ପାଳନ ପରିପ୍ରେକ୍ଷୀରେ ସଂଘ ପକ୍ଷରୁ ଏକ ସ୍ମରଣିକା ପ୍ରକାଶ କରିବାକୁ ସ୍ଥିର କରାଯାଇ ଏଥିପାଇଁ ଏକ ସମ୍ପାଦନା ମଣ୍ଡଳୀ ଗଠନ କରିବାକୁ ସ୍ଥିର କରାଯାଇଛି। ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସ୍ମରଣିକା ନିମନ୍ତେ ଇଚ୍ଛୁକ ପୁରାତନ ଛାତ୍ରଛାତ୍ରୀ ମାନେ ଲେଖା ପଠାଇବା ପାଇଁ ଅନୁରୋଧ କରାଯାଇଛି। କଲେଜ ପ୍ରତିଷ୍ଠା ସମୟରେ ଓ କଲେଜ ପ୍ରତି ଉଲ୍ଲେଖନୀୟ ଅବଦାନ ନିମନ୍ତେ ବଦାନ୍ୟ ବ୍ୟକ୍ତି ବିଶେଷ, ପ୍ରାକ୍ତନ ଅଧକ୍ଷ, ଅଧ୍ୟାପକ ଓ ଷ୍ଟାଫ୍ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ ନିମନ୍ତେ ସ୍ଥିର କରାଯାଇଛି। ଏଥିପାଇଁ ଏକ ସମନ୍ୱୟ କମିଟି ଗଠନ କରାଯିବା ପାଇଁ ସ୍ଥିର କରାଯାଇଛି। ସଭା ପ୍ରାରମ୍ଭରେ କଲେଜ ଇଂରାଜୀ ବିଭାଗୀୟ ପ୍ରାକ୍ତନ ମୁଖ୍ୟ ପ୍ରାଧ୍ୟାପକ ରାଜେନ୍ଦ୍ର କୁମାର ପାଢ଼ୀ, ପୁରାତନ ଛାତ୍ର ଅଧ୍ୟାପକ ବିଭୂତି ଭୂଷଣ ନାୟକ, ସମାଜସେବୀ ସନ୍ତୋଷ କୁମାର ମହାନ୍ତି, ଶିକ୍ଷୟତ୍ରୀ ପୁଷ୍ପଲତା ସେଠୀ ଓ ସ୍ୱୟଂପ୍ରଭା ରାଉତ ଏବଂ ସନ୍ତୋଷ ମହାରଣାଙ୍କ ଅକାଳ ବିୟୋଗରେ ସେମାନଙ୍କ ଅମରଆତ୍ମାର ସଦ୍‌ଗତି କାମନା କରାଯାଇ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସଂଘ ସାଧାରଣ ସମ୍ପାଦକ ଆଇନଜୀବୀ ଦେବରାଜ ବେହେରା, ମେଜର ଦିଲ୍ଲିପ କୁମାର ନାୟକ, ସୁଶ୍ରୀ କାମିନୀ ନାୟକ, ଅଧ୍ୟାପକ ତପନ କୁମାର ଜେନା, ସଲିଳ ରାଜନନ୍ଦନ ମହାନ୍ତି, ବିଜୟ କେତନ ସାମଲ ଓ ନିଶିକାନ୍ତ ଦାସ, ଶକ୍ତିରଞ୍ଜନ ରାଉତ, ପ୍ରଦୀପ କୁମାର ଧଳ, ସଞ୍ଜୟ କୁମାର ରାୟ, ମନୋରଞ୍ଜନ ସାହୁ, ମାନସ ରଞ୍ଜନ ବିଶ୍ୱାଳ, ଆଇନଜୀବୀ ବୀରେନ୍ କୁମାର ବିଶ୍ୱାଳ, ପୃଥୀରାଜ ନାୟକ, ଅଜୟ କୁମାର ପ୍ରଧାନ, ଶୁଭ୍ରାଂଶୁ ଶେଖର ବରାଳ ଓ ସୌମ୍ୟରଞ୍ଜନ ମହାରଣା ପ୍ରମୁଖ ଯୋଗଦେଇଥିଲେ।




# ଆଖଣ୍ଡଳମଣିଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା

ଧର୍ମଶାଳା,୨୨।୨(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚହଟା ପଞ୍ଚାୟତସ୍ଥିତ ବ୍ରାହ୍ମଣୀ ନଦୀ ପାଶ୍ୱର୍ରେ ଶ୍ରୀଶ୍ରୀ ଆଖଣ୍ଡଳମଣିଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସକାଳେ କଳସାଧିବାସ, ଅଂକୁରାରୋପଣ, ଯଜ୍ଞ, ହୋମ, ବିଗ୍ରହ ପ୍ରତିଷ୍ଠା, ମନ୍ଦିର ପ୍ରବେଶ ଓ ପୂର୍ଣ୍ଣାହୁତି ଆଦି ଯଥାବିଧି ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ ଯଜ୍ଞରେ କର୍ତ୍ତା ଭାବେ ଜ୍ଞାନରଞ୍ଜନ ଦାସ ଓ କର୍ତ୍ତୀ ଭାବେ ତିଲୋତ୍ତମା ନାୟକ ପୂଜାର୍ଚ୍ଚନା ସହ ପଞ୍ଚକର୍ମ କରିଥିଲେ। ପୂଜକ ଅଶୋକ ପାଢ଼ୀ ଓ ସୋମନାଥ ନାୟକ ପୂଜାର୍ଚ୍ଚନା କରିଥିଲେ। ସଦସ୍ୟ ନିରଞ୍ଜନ ପାଢୀ, ରଞ୍ଜନ କୁମାର ରାଉତ, ରସାନନ୍ଦ ତରେଇ, ପିତାମ୍ବର ମୁଦୁଲି, ମନୋରଞ୍ଜନ ପାତ୍ର, ଦେବୀ ପ୍ରସାଦ ମହାନ୍ତି, ଦେବେନ୍ଦ୍ର ପ୍ରଧାନ, ଦେବାଶିଷ ସାହୁ, ପ୍ରକାଶ ସାହୁ, ପ୍ରମୋଦ ଜେନା, ଅଜିତ ମୁଦୁଲି, ଗୁରେଶ ରାଉତ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଭିନ୍ନ ପଞ୍ଚାୟତରୁ ବହୁ ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା।

# ଡିଜେ ସାଉଣ୍ଡରେ ଅସ୍ତବ୍ୟସ୍ତ ଲୋକେ

ବିଞ୍ଝାରପୁର,୨୨।୨(ସମିସ): ବିଞ୍ଝାରପୁର ବ୍ଲକ ବରୁଣେଶ୍ୱର ମନ୍ଦିର କ୍ଷେତ୍ରରୁ ଅରେଇ ଛକ ପର୍ଯ୍ୟନ୍ତ ରାସ୍ତା ପ୍ରତ୍ୟେକ ବିବାହ ତିଥିରେ ଡିଜେ ସାଉଣ୍ଡରେ କମ୍ପୁଛି। ୨ ରୁ ୩ଟି ଡିଜେ ଗାଡି ବିବାହ ତିଥିରେ ଏହି ପଥରେ ଯାଉଥିବା ଦୃଶ୍ୟ ଦେଖିବାକୁ ମିଳୁଛି। ଅତ୍ୟଧିକ ଶବ୍ଦପ୍ରଦୂଷଣ ଯୋଗୁ ରୋଗୀ, ବୃଦ୍ଧ ଓ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ଆସୁଛି। ଏ ସବୁ ସତ୍ତ୍ୱ ପୁଲିସ ଓ ପ୍ରଶାସନ କାହିଁକି ନିରବ ରହୁଛି ତାକୁ ନେଇ ସାଧାରଣରେ ପ୍ରଶ୍ନ ହେଉଛି। ନିୟମ ଅନୁଯାୟୀ ରାତି ୧୦ଟା ପରେ ଉଚ୍ଚଶବ୍ଦରେ ଡିଜେ ବଜାଇବା ନିଷିଦ୍ଧ ଥିବା ବେଳେ ସୁପ୍ରିମକୋର୍ଟ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିର୍ଦ୍ଦେଶ ଅନୁସାରେ ଶବ୍ଦ ସୀମା ନିର୍ଦ୍ଧାରିତ ମଧ ହୋଇଛି। ତଥାପି ଖୋଲାଖୋଲି ନିୟମ ଉଲ୍ଲଙ୍ଘନ କରି ରାଜ ରାସ୍ତାରେ ଗାଁ ଗହଳି ମଧରେ ଉଚ୍ଚଧ୍ୱନିରେ ଡିଜେ ଗାଡ଼ି ଯାଉଥିବାରୁ ପ୍ରଶାସନର ଭୂମିକା ଉପରେ ସନ୍ଦେହ ଉଠୁଛି। ବିବାହ ଶୋଭାଯାତ୍ରା ପାଇଁ ନିର୍ଦ୍ଧାରିତ ଶବ୍ଦ ସୀମା କଡ଼ାକଡ଼ି ଭାବେ ଲାଗୁ କରିବା ସହ ରାତି ୧୦ଟା ପରେ ଡିଜେ ବନ୍ଦ କରିବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି। ଅନୁମତି ବିନା ଚାଲୁଥିବା ଡିଜେ ଗାଡ଼ି ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ ଦାବି ହୋଇଛି।

# ମା' ତାରିଣୀ ଓ ପାର୍ବତୀଙ୍କ ବାର୍ଷିକ ଉତ୍ସବ

ଧର୍ମଶାଳା,୨୨।୨(ସମିସ):



ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚୋରମୁହାଁ ଗ୍ରାମସ୍ଥିତ ବାବା ନଣ୍ଡା ମହାଦେବ ତଥା ଆଗ୍ନେଶ୍ୱର ମହାଦେବଙ୍କ ପୀଠଠାରେ ପ୍ରତିଷ୍ଠିତ ମା' ତାରିଣୀ ଦେବୀ ଓ ପାର୍ବତୀ ଦେବୀଙ୍କ ବାର୍ଷିକ ଜନ୍ମୋତ୍ସବ ୫ ଦିନ ବ୍ୟାପୀ ପାଳିତ ହୋଇଯାଇଛି। ଏହି ଅବସରରେ ଏଠାରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୧୬ ତାରିଖରେ ଅଧିବାସ ହେଇଥିବା ବେଳେ ୧୭ ତାରିଖ ପ୍ରାତଃରୁ ମାହାମନ୍ତ୍ର ନାମଯଜ୍ଞ ଅରମ୍ଭ ହୋଇ ୧୮ ତାରିଖରେ ଉଦ୍‌ଯାପିତ ହେବା ସହିତ ନଗର ଭ୍ରମଣ କରଯାଇଥିଲା। ଏଥିସହ ୧୭ ତାରିଖରେ ନାମଯଜ୍ଞ ସହ ଅଙ୍କୁରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୧୮ ତାରିଖରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି କଳସ ଯାତ୍ରାରେ ଚୋରମୁହାଁ ଓ ଆଖପାଖ ଅଞ୍ଚଳର ଶତାଧିକ ପୁରୁଷ ଓ ମହିଳା ଶୋଭାଯାତ୍ରାରେ ଯାଇ ନିକଟସ୍ଥ ବ୍ରାହ୍ମଣୀ ନଦୀରୁ କଳସରେ ଜଳ ଆଣିବା ପରେ ଯଜ୍ଞ ସ୍ଥଳରେ ପ୍ରତିଷ୍ଠା କରାଯାଇ ଅପରାହ୍ନରେ ଯଜ୍ଞର ଶୁଭାରମ୍ଭ କରାଯାଇଥିଲା। ଏହି ଯଜ୍ଞରେ କର୍ତ୍ତାଭାବେ ମହେଶ୍ୱର ବେହେରା ଓ କର୍ତ୍ତୀ ଭାବେ ଚଞ୍ଚଳା ବେହେରା ପୂଜାର୍ଚ୍ଚନା ସହ ପଞ୍ଚକର୍ମ କରିଥିଲେ। ୧୯ ତାରିଖରେ ରୁଦ୍ରଯଜ୍ଞ, ଗୀତାପାଠ, ଦେବୀ ସହସ୍ର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ୨୦ ତାରିଖରେ ଚଣ୍ଡିଯଜ୍ଞ ଓ ସର୍ବଦେବାଦେବୀ ଆହୁତି କରାଯାଇଥିଲା। ଏଥିସହ ସନ୍ଧ୍ୟାରେ କଟକର ସାଇ ଭଜନ ସନ୍ଧ୍ୟାର କଳାକାରମାନଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ପାଞ୍ଚ ଦିନ ବ୍ୟାପି ଚାଲିଥିବା ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁ ଯେଗଦେଇ ଆଶିର୍ବାଦ ପ୍ରାପ୍ତ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ଅନୁଷ୍ଠିତ ନାମଯଜ୍ଞରେ ଚୋରମୁହାଁ ସମେତ ସିହା, ବନମାଳିପୁର, କାଏମା ନାଉପାଳ, ନରସିଂହପୁର, ବାଲିଗରି, ନିହଳପ୍ରସାଦ, ବାଲିଆପାଟ ନଗଡାସାହି, ଚହାଟା ଗ୍ରାମର ସଂକୀର୍ତ୍ତନମଣ୍ଡଳୀ ସାମିଲ ହୋଇଥିଲେ। ପାଞ୍ଚ ଦିନ ବ୍ୟାପୀ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଈଶ୍ୱର ବେହେରା, ସୁବାସ ଦାସ, ଦଶରଥ ନାଥ, ରଞ୍ଜନ ମହାନ୍ତି, ଅଜୟ ଦାସ, ମହେଶ୍ୱର ବେହେରା, ମକରଧ୍ୱଜ ବେହେରା, ରମେଶ ଦାସ, ନାରାୟଣ ମହାରଣା ସମେତ ଚୋରମୁହାଁ ଗ୍ରାମର ଅଧିବାସୀମାନେ ପରିଚାଳନା କରିଥିଲେ।

# କେନ୍ଦ୍ର ଇସ୍ପାତ ମନ୍ତ୍ରୀଙ୍କୁ ଭେଟିଲେ ସାଂସଦ

ଦାନଗଦି,୨୨।୨(ସମିସ): ଯାଜପୁର ଜିଲ୍ଲା ସୁକିନ୍ଦା ଠାରେ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ (ମଲ୍ଟି ସ୍କିଲିଂ ସେଣ୍ଟର)କୁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱୀକୃତି ପ୍ରଦାନ କରାଯାଇଛି। ଏହି ପରିପେକ୍ଷୀରେ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଏଚ୍‌ଡି କୁମାରସ୍ୱାମୀଙ୍କୁ ନୂଆଦିଲ୍ଲୀଠାରେ ଭେଟି ଏହି ଇସ୍ପାତ ପ୍ରତିଷ୍ଠାନ ପାଇଁ ଆବଶ୍ୟକୀୟ ଅତ୍ୟାଧୁନିକ ଯନ୍ତ୍ରପାତି ଯୋଗାଇବା ପାଇଁ ପଦକ୍ଷେପ ନିଅନ୍ତୁ ବୋଲି ଅନୁରୋଧ କରିଛନ୍ତି। ଯାହାଫଳରେ କେନ୍ଦ୍ର ଇସ୍ପାତ ମନ୍ତ୍ରୀ କୁମାର ସ୍ୱାମୀ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଉଦଘାଟନ କରିବେ। ଏହି ଉଦଘାଟନ ସମୟରେ ଦାନଗଦୀ ବ୍ଲକର କଳିଙ୍ଗ ନଗରରେ ୨୫ ଏକର ଦେଇଥିବା ଜମିରେ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନର ସ୍ଥାୟୀ କ୍ୟାମ୍ପସ୍ ପାଇଁ ମଧ ଭିତ୍ତିପ୍ରସ୍ତର ସ୍ଥାପନ କରିବା ଉଚିତ ହେବ ଯାହା ସ୍ଥାନୀୟ ଲୋକଙ୍କ ଆକାଂକ୍ଷାକୁ ପୂରଣ କରିବ ଏବଂ ଓଡ଼ିଶା ପାଇଁ ମାଇଲଖୁଣ୍ଟ ହେବ ବୋଲି ସାଂସଦ ଶ୍ରୀ ବେହେରା କହିଛନ୍ତି। ଇତି ମଧ୍ୟରେ ସୁକିନ୍ଦା ବ୍ଲକ୍‌ରେ ଜିଲ୍ଲା ମିନେରାଲ ଫଣ୍ଡ ୨୦୧୮-୧୯ ଆର୍ଥିକ ସହାୟତାରେ ପ୍ରସ୍ତାବିତ ଦକ୍ଷତା ବିକାଶ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନକୁ ହସ୍ତାନ୍ତର କରାଯାଇସାରିଛି।



● ହାଇୱାରୁ ବାଲି ଢାଳିବାବେଳେ ଅଘଟଣ

## ୧୧ କେଭି ବିଦ୍ୟୁତ୍ ତାର ଲାଗି ହାଇୱା ଚାଳକ ଗୁରୁତର

ଧାମନଗର,୨୨।୨(ସମିସ): ଧାମନଗର ବ୍ଲକ୍ ଓ ଏନ୍ଏସି ଅଞ୍ଚଳରେ ଦିନକୁ ଦିନ ଚୋରା ବାଲି ଚାଲାଣ ଦ୍ୱାରା ପ୍ରଶାସନର ମୁଣ୍ଡ ବ୍ୟଥାର କାରଣ ହୋଇ ପଡ଼ିଥିବାବେଳେ ବିଦ୍ୟୁତ୍ ତାର ଲାଗି କେଉଁଠି ବାଲି ଗାଡ଼ି ଡ୍ରାଇଭର ଆହତ ହେଲେଣି ତ ଆଉ କେଉଁଠି ପ୍ରାଣ ହରାଇଲେଣି। ଗତ କିଛିଦିନ ପୂର୍ବରୁ ଭଗବାନପୁର ପଞ୍ଚାୟତ ଅନ୍ତର୍ଗତ ପଦ୍ମପୋଖରୀ ଗ୍ରାମର ଜଣେ ଡ୍ରାଇଭରଙ୍କର ବିଦ୍ୟୁତ୍ ତାର ଲାଗି ମୃତ୍ୟୁ ହୋଇଥିବାବେଳେ ଶନିବାର ଫଳପୁର ପୃଷ୍ଟି ସାହିଠାରେ ଏକ ବାଲି ବୋଝେଇ ହାଇୱା ବାଲି ଢାଳିବାବେଳେ ୧୧ କେଭି ବିଦ୍ୟୁତ୍ ତାର ଲାଗିବା ଦ୍ୱାରା ଡ୍ରାଇଭର ଗୁରୁତର ହୋଇଥିଲେ। ତାଙ୍କୁ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ ଧାମନଗର ଡାକ୍ତରଖାନା ନେଇଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଯାଜପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସୂଚନାଥାଉକି, ଆହତ ଡ୍ରାଇଭର ଜଣକ ଯାଜପୁର ଜିଲ୍ଲା କାଟିଆ ଅଞ୍ଚଳର ସେକ୍ ଆସିରୁଦ୍ଦିନ ବୋଲି ଜଣାପଡ଼ିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରାୟ ୫ ଘଣ୍ଟା ବିଦ୍ୟୁତ୍ ସେବା ବନ୍ଦ ରହିଥିଲା। ତେବେ ଖଣି ବିଭାଗ ବାଲି ଚୋରା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି କରିଛନ୍ତି।

## ଚାନ୍ଦା ପାଇଁ ଟୋଲ୍‌ଗେଟ୍ ପରିଚାଳକଙ୍କୁ ଆକ୍ରମଣ

ଭଣ୍ଡାରିପୋଖରୀ,୨୨।୨(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ଭାଗଡ଼ା-ନାରାୟଣପୁର ଟୋଲ୍‌ଗେଟ୍ ପରିଚାଳକଙ୍କୁ ଗତ ଶନିବାର ରାତିରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଟୋଲ୍‌ଗେଟ୍ ପରିଚାଳକ ବଜରଙ୍ଗୀ ସିଂ ଥାନାରେ ଏ ସମ୍ପର୍କରେ ରବିବାର ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଭୂତିଆ, ଲକ୍ଷ୍ମୀସାଗର, ଚାଇଁଖିଆ, ତେସିଙ୍ଗା, ପୁରିପଡ଼ା ଆଦି ଗ୍ରାମର କେତେକ ରାଜନୈତିକ ବ୍ୟକ୍ତି ପରିଚାଳକଙ୍କ କୋଠରିକୁ ଶନିବାର ରାତି ୭.୧୦ରେ ଆସି ଚାନ୍ଦା ମାଗିଥିଲେ। ଉପରିସ୍ଥ ଅଧିକାରୀଙ୍କ ସହ ଅନୁମତି ନେଇ ନିଷ୍ପତ୍ତି ହେବ ବୋଲି ବଜରଙ୍ଗୀ କହିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଚାନ୍ଦା ଆଦାୟକାରୀମାନେ ବଜରଙ୍ଗୀଙ୍କୁ ଆକ୍ରମଣ କରିଥିଲେ। ଜନୈକ ବ୍ୟକ୍ତି ଆସି ବଜରଙ୍ଗୀଙ୍କୁ ଉଦ୍ଧାର କରିଥିଲେ ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ଖବର ଲେଖା ହେବା ସୁଦ୍ଧା ଥାନାରେ ଏନେଇ ମାମଲା ରୁଜୁ ହୋଇ ନ ଥିବା ଜଣାଯାଇଛି।

## ଦୁଃଖି ଓ ଅସହାୟଙ୍କ ଦୁଃଖ ଶୁଣିଲେ ଅଚ୍ୟୁତ



ଭଦ୍ରକ,୨୨।୨(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲିରେ କିଟ୍‌ର ପ୍ରତିଷ୍ଠାତା ତଥା ପୂର୍ବତନ ସାଂସଦ ଡ. ଅଚ୍ୟୁତ ସାମନ୍ତ ଦୁଃଖି ଓ ଅସହାୟଙ୍କ ଦୁଃଖ ଶୁଣିଚନ୍ତି। ଆଉ ସହାୟତା କରିବାର ପ୍ରତିଶ୍ରୁତି ଦେଇଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକାଠାରେ ଏକ ସ୍ୱାସ୍ଥ୍ୟ ସେବା ଶିବିରରେ ଯୋଗଦେଇ ବାରିପଦା ଯିବା ବାଟରେ ଭଦ୍ରକ-ଚାନ୍ଦବାଲି ମୁଖ୍ୟ ରାସ୍ତାର ଗାଦି ବଜାର ନିକଟରେ କିଛି ସମୟ ପାଇଁ ଅଟକି ଥିଲେ। ସେଠାରେ ସାଧାରଣ ଲୋକଙ୍କ ସହ ମିଶିବା ସହ ସେମାନଙ୍କ ସୁଖଦୁଃଖ ପଚାରି ବୁଝିଥିଲେ। ଅସହାୟ ପରିବାର, ଦୁରାରୋଗ୍ୟରେ ପୀଡ଼ିତ ରୋଗୀ, ବେକାର ଯୁବକଯୁବତୀ ସମସ୍ତେ ନିଜ ନିଜର ଦୁଃଖ ଜଣାଇଥିଲେ। ସମସ୍ତଙ୍କ କଥା ଶୁଣିବା ସହ ଆବଶ୍ୟକ ମୁତାବକ ସହାୟତା ପୂରଣ କରିବାର ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ଯୁବ ସମାଜସେବୀ ସତ୍ୟାନନ୍ଦ ରାଉତଙ୍କ ଆୟୋଜନରେ ଡ. ସାମନ୍ତଙ୍କୁ ବିପୁଳ ସମ୍ବର୍ଦ୍ଧନା ଦେଇଥିଲେ ସ୍ଥାନୀୟ ଲୋକେ। ଅନ୍ୟମାନଙ୍କ ମଧ୍ୟରେ ଆନନ୍ଦ ଜେନା, ସ୍ଥାନୀୟ ସରପଞ୍ଚ ପ୍ରମିଳା ମାଝୀ ଓ ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ତିହିଡ଼ି ସାହିତ୍ୟ ଗବେଷଣା ପରିଷଦ ସମ୍ମାନିତ



ତିହିଡ଼ି,୨୨।୨(ସମିସ): ତିହିଡ଼ି ବ୍ଲକ୍‌ର ଅଗ୍ରଣୀ ସାହିତ୍ୟ ଗବେଷଣା ପରିଷଦର ସଭାପତି ବିଭୂତିଭୂଷଣ ସେନାପତି ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଉତ୍କଳ ଭାରତୀ ବିଦୂଷ ସଭା ଆନୁକୂଲ୍ୟରେ ଅନୁଷ୍ଠିତ ଦ୍ୱିତୀୟ ବାର୍ଷିକ ସମାରୋହରେ ଭୁବନେଶ୍ୱରସ୍ଥିତ ଗୀତ ଗୋବିନ୍ଦ ସଦନରେ ମାନପତ୍ର, ଉତ୍ତରୀୟ ଓ ଅର୍ଥରାଶି ସହ ସମ୍ମାନିତ ହୋଇଛନ୍ତି। ସମଗ୍ର ଓଡ଼ିଶାରୁ ସଂଗୃହିତ ବହୁ ପୁସ୍ତକ ମଧ୍ୟରୁ ମାତ୍ର ୩୦ ଖଣ୍ଡ ପୁସ୍ତକ ଚୟନ କରାଯାଇଥିଲା। ସେଥିରୁ ବିଭୂତି ଭୂଷଣଙ୍କ ପ୍ରବନ୍ଧ ବିସ୍ମୟ ପୁସ୍ତକ ୫ମ ସ୍ଥାନରେ ଥିଲା। ଉକ୍ତ ସଭାରେ ବିଶିଷ୍ଟ ସାହିତ୍ୟିକ ଇଂ. ସୁଶାନ୍ତ କୁମାର ବଳ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଓଡ଼ିଶା ସଂସ୍କୃତି ବିଭାଗ ମୁଖ୍ୟ ନିର୍ଦ୍ଦେଶିକା ଦୀପ୍ତିମୟୀ ମହାପାତ୍ର, ବିଶିଷ୍ଟ ସାହିତ୍ୟିକ ଡ. ଗୋବିନ୍ଦ ଚାନ୍ଦ, ଡ. ଦେବାଶିଷ ମହାପାତ୍ର, ଜ୍ୟୋତିର୍ମୟୀ ଦାସ, ସୌଦାମିନୀ ତ୍ରିପାଠୀ, ଇଂ. ଲଡୁକେଶୋର ପଢ଼ିଆରୀ, ଡ. ଜୟନ୍ତୀ ଜେନା, ଆଦିତ୍ୟ ପ୍ରସାଦ ମହାପାତ୍ର ପ୍ରଭୃତି ଯୋଗଦେଇଥିଲେ। ଉଷାରାଣୀ ଆଚାର୍ଯ୍ୟ ଓ ଅଧିବକ୍ତା ସୀମା କାନୁନ୍‌ଗୋ ମଞ୍ଚ ପରିଚାଳନା କରିଥିଲେ।

ଧାମନଗର ଜଳସେଚନ ବିଭାଗ

# ୬୭ ଲକ୍ଷ ଟଙ୍କାର ପ୍ରକଳ୍ପରେ ଦୁର୍ନୀତି

ଅସୁରାଳି,୨୨।୨(ସମିସ)

ସରକାର ବନ୍ୟା ନିୟନ୍ତ୍ରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଧାମନଗର ଜଳସେଚନ ବିଭାଗରେ ଏହି ଅର୍ଥ ଏବେ ଠିକାଦାର ଓ ଯନ୍ତ୍ରୀଙ୍କ ପକେଟକୁ ଯାଉଛି। ଧୂଷୁରୀ ଗାନ୍ଧୀଘାଟ ସେକ୍ସନ ଅନ୍ତର୍ଗତ ଭଟସାହି ପଞ୍ଚାୟତର ନରହରିପୁର ନିକଟସ୍ଥ କଣ୍ଡିଆ ରାଇଟିରେ ଚାଲିଥିବା ନଦୀବନ୍ଧ ସୁରକ୍ଷା ପାଚେରି ନିର୍ମାଣରେ ଚରମ ଅନିୟମିତତା ଦେଖାଦେଇଛି। ପ୍ରାୟ ୬୭ ଲକ୍ଷ ଟଙ୍କାର ଏହି ପ୍ରକଳ୍ପ ଆରମ୍ଭରୁ ହିଁ ଦୁର୍ନୀତିର ପାହାଡ଼ ଉପରେ ଠିଆ ହୋଇଥିବା ଅଭିଯୋଗ ହୋଇଛି। ସରକାରୀ ନିୟମ ଅନୁଯାୟୀ, କୌଣସି ବି କାମ ଆରମ୍ଭ ପୂର୍ବରୁ ସେଠାରେ ଏକ ସୂଚନାଫଳକ ଲଗାଯିବା ବାଧ୍ୟତାମୂଳକ। ମାତ୍ର

- ବନ୍ୟାଞ୍ଚଳ ଲୋକଙ୍କ ଜୀବନ ସହ ଖେଳୁଛନ୍ତି ଅଧିକାରୀ, ଠିକାଦାର
- ସୂଚନାଫଳକ ନ ଲଗେଇ ହେଉଛି ନିମ୍ନମାନର କାମ
- ଅଭିଯୋଗ କଲେ ମିଳୁଛି ପୁଲିସ କେସ୍‌ର ଧମକ



ଏଠାରେ ସବୁ ଓଲଟା। ଲୋକେ ଯେମିତି କାମର ବ୍ୟୟ ଅଟକଳ ଓ ମାନ ବିଷୟରେ ଜାଣି ନ ପାରିବେ, ସେଥିପାଇଁ ତଞ୍ଚକତା କରି କୌଣସି ସୂଚନାଫଳକ ଲଗାଯାଇ ନାହିଁ। ଏହି ଘଟଣାରେ ଯେତେବେଳେ କନିଷ୍ଠ ଯନ୍ତ୍ରୀଙ୍କୁ ପଚରାଗଲା, ସେ ଅତ୍ୟନ୍ତ ବେପରୁଆ ଭାବେ କହିଛନ୍ତି ଯେ "କାମ ଗତ ବର୍ଷର, ସୂଚନାଫଳକ ଲେଖାଯାଇନି, ଏବେ ଲେଖି ଦେବୁ।' ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ କିଭଳି ଗଭୀର ସଲାସୁତରା ଚାଲିଛି। କଣ୍ଡିଆ ରାଇଟି ବନ୍ଧ ସମ୍ପ୍ରସାରଣ ଓ ପାଚେରି ନିର୍ମାଣରେ ବ୍ୟବହୃତ ହେଉଥିବା ସାମଗ୍ରୀ ଅତି ନିମ୍ନମାନର। ପାଚେରିର ଲମ୍ବ, ପ୍ରସ୍ଥ ଏବଂ ଉଚ୍ଚତାରେ ବ୍ୟାପକ ହେର୍‌ଫେର୍ କରାଯାଇଛି ବୋଲି ଅଭିଯୋଗ ହେଉଛି।

ଡିଜାଇନ୍ ଅନୁଯାୟୀ, କାମ ନ କରି କେବଳ ଅର୍ଥ ହରିଲୁଟ୍ କରିବା ଉଦ୍ଦେଶ୍ୟରେ କାମ ଶେଷ କରିବାକୁ ପ୍ରୟାସ କରାଯାଉଛି। ଧାମନଗର ଜଳସମ୍ପଦ ବିଭାଗରେ ଏସ୍‌ଡିଓ ପଦ ଖାଲି ଥିବାବେଳେ ଏହାର ସୁଯୋଗ ନେଇ କନିଷ୍ଠ ଯନ୍ତ୍ରୀ ଓ ଠିକାଦାର ମନଇଚ୍ଛା କାମ କରୁଛନ୍ତି। କୌଣସି ବରିଷ୍ଠ ଅଧିକାରୀ ତଦାରଖ କରୁନଥିବାରୁ ଦୁର୍ନୀତିର ସୀମା ଟପିଛି। ସ୍ଥାନୀୟ ବାସିନ୍ଦା ଯେତେବେଳେ ନିଜ ଜୀବନ ଓ ସମ୍ପତ୍ତିର ସୁରକ୍ଷା ପାଇଁ ଏହି ନିମ୍ନମାନର କାମକୁ ବିରୋଧ କରୁଛନ୍ତି, ସେତେବେଳେ ସେମାନଙ୍କୁ ଦାଦାଗିରିର ସାମ୍ନା କରିବାକୁ ପଡୁଛି। ଠିକାଦାର ଓ ଯନ୍ତ୍ରୀ ମିଳିତ ଭାବେ ଗ୍ରାମବାସୀଙ୍କୁ ନାଲି ଆଖି ଦେଖାଇବା ସହ ପୁଲିସ କେସ୍ କରିବାର ଭୟ ଦେଖାଉଛନ୍ତି। ଜନସାଧାରଣଙ୍କ ସ୍ୱରକୁ ଚାପି ଦେଇ ସରକାରୀ ଟଙ୍କାକୁ ହଡ଼ପ କରିବାର ଏହା ଏକ ସୁଚିନ୍ତିତ ଯୋଜନା ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ବନ୍ୟା ପ୍ରପୀଡ଼ିତ ଏହି ଅଞ୍ଚଳରେ ଯଦି ନିର୍ମାଣାଧୀନ ପାଚେରି ଆସନ୍ତା ବର୍ଷାରେ ଭୁଶୁଡ଼ିଯାଏ, ତେବେ ହଜାର ହଜାର ଲୋକଙ୍କ ଜୀବନ ବିପନ୍ନ ହେବ। ଏହି ଘଟଣାକୁ ନେଇ ରାଜ୍ୟ ସରକାର, ଜଳସମ୍ପଦ ମନ୍ତ୍ରୀ ଏବଂ ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରିବା ଜରୁରୀ। କାମକୁ ସାମୟିକ ଭାବେ ବନ୍ଦ କରି ଏହାର ମାନ ଯାଞ୍ଚ କରାଯିବା ସହ ଦୋଷୀ ଯନ୍ତ୍ରୀ ଓ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଧାମନଗର ବ୍ଲକ୍ କଂଗ୍ରେସ ସଭାପତି ରମେଶ ବେହେରା ଦାବି କରିଛନ୍ତି। ସ୍ଥାନୀୟ ଲୋକେ ମଧ୍ୟ ସମାନ ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଜିଦ୍ ଧରିଛନ୍ତି।

ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍

## ଦିନ ଦ୍ୱିପ୍ରହରରେ ଭାରୀଯାନ ଚଳାଚଳ

ବନ୍ତ/ଆଗରପଡ଼ା,୨୨।୨(ସମିସ): ଜନଗହଳିପୂର୍ଣ୍ଣ ଆଗରପଡ଼ା ମୁଖ୍ୟ ବଜାର ଏବେ ସାଧାରଣ ଲୋକଙ୍କ ପାଇଁ ବିପଦପୂର୍ଣ୍ଣ ହୋଇପଡ଼ିଛି। ପ୍ରଶାସନିକ କଟକଣା ଓ ଟ୍ରାଫିକ୍ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରି ଦିନବେଳା ଏହି ରାସ୍ତା ଦେଇ ବେଆଇନ ଭାବେ ଓଭରଲୋଡିଂ ବାଲି ବୋଝେଇ ଟ୍ରକ୍ ଏବଂ ଅନ୍ୟାନ୍ୟ ଭାରୀଯାନ ବେଧଡ଼କ ଚଳାଚଳ କରୁଛି।



ନା ଅଛି ପ୍ରଶାସନିକ କଟକଣା ନା ଟ୍ରାଫିକ୍ ନିୟମ

ଦିନକୁ ଦିନ ଏହି ବେପରୁଆ ଗାଡ଼ି ଚାଳନା ବୃଦ୍ଧି ପାଉଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ସ୍ଥାନୀୟ ପୁଲିସ ଏବଂ ବିଭାଗୀୟ ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଏହିପରି ସମସ୍ୟା ସୃଷ୍ଟି ହେଉଥିବା ଜଣାପଡ଼ିଛି। ବିଶେଷ କରି ସକାଳ ଓ ଅପରାହ୍ଣରେ ଛାତ୍ରଛାତ୍ରୀଙ୍କ ସ୍କୁଲ ଯିବାଆସିବା ସମୟରେ ମୁଖ୍ୟ ରାସ୍ତାରେ ପ୍ରବଳ ଗହଳି ରହୁଛି। ବର୍ତ୍ତମାନ ସ୍କୁଲ ଓ କଲେଜ ସ୍ତରରେ ପରୀକ୍ଷା ଚାଲିଥିବାବେଳେ ଏହି ସମୟରେ କ୍ଷମତାଠାରୁ ଅଧିକ ବାଲି ବୋଝେଇ କରି ହାଇୱା, ଟିପ୍ପର, ଟ୍ରକ୍ ଓ ଟ୍ରାକ୍ଟରଗୁଡ଼ିକ ଦ୍ରୁତ ଗତିରେ ଯାତାୟାତ କରୁଛନ୍ତି। ଫଳରେ ସବୁବେଳେ ଦୁର୍ଘଟଣାର ଆଶଙ୍କା ରହୁଛି। ଏଠାରେ ପ୍ରକାଶ ଥାଉକି, ଗତ କିଛିଦିନ ତଳେ ଭାରୀଯାନ ଚଳାଚଳକୁ ନେଇ ସ୍ଥାନୀୟ ଲୋକେ ଏହାର ବିରୋଧ କରିବା ସହ ରାତି ୮ଟା ପରେ ହିଁ ଭାରୀଯାନ ଚଳାଚଳ କରିବା ନିମନ୍ତେ ଆଗରପଡ଼ା ପୁଲିସ ନିକଟରେ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ମାତ୍ର ଉକ୍ତ ଅଭିଯୋଗ କାଗଜକଲମରେ ସୀମିତ ରହିଯାଇଥିବା ଜଣାପଡ଼ିଛି। ତେଣୁ କୌଣସି ବଡ଼ଧରଣର ଅଘଟଣ ଘଟିବା ଆଗରୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହୋଇଛି।

## ଶନି ମନ୍ଦିରର ଅଷ୍ଟମ ବାର୍ଷିକ ଉତ୍ସବ

ବନ୍ତ/ଆଗରପଡ଼ା,୨୨।୨(ସମିସ): ବନ୍ତ ବ୍ଲକ୍ ଛୟାଳସିଂହ ପଞ୍ଚାୟତ ଦିବ୍ୟଗ୍ରାମ ଛୟାଳସିଂହ ଗ୍ରାମରେ ଅବସ୍ଥିତ ଶ୍ରୀଶନିଶ୍ଚର ମହାଗ୍ରହଙ୍କର ଅଷ୍ଟମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସିଂହବାହିନୀ ଗ୍ରାମ୍ୟ ପୁଷ୍କରିଣୀରୁ ୨୧ କଳସ ଘଟ ଉତ୍ତୋଳନ କରାଯାଇ ବାଜା ବାଣ ରୋଷଣୀରେ ଗ୍ରାମ ବଜାର ପରିକ୍ରମା ପରେ ଯଜ୍ଞ ମଣ୍ଡପକୁ ଅଣାଯାଇଥିଲା। ପୂଜାରୀ କାଶୀନାଥ ପାଣିଗ୍ରାହୀ, ନାରାୟଣ ମିଶ୍ର, ରାମଚନ୍ଦ୍ର ପଣ୍ଡା, କେଶବ ପାଣିଗ୍ରାହୀ, ଗୌରାଙ୍ଗ ଚନ୍ଦ୍ର ମିଶ୍ର, ଅଙ୍କୁରାରୋପଣ ଅଧିବାସ, ପଞ୍ଚଗବ୍ୟ ଶୋଧନ, ସୂର୍ଯ୍ୟପୂଜା, ଗୋ ପୂଜା, ସୂର୍ଯ୍ୟାଗ୍ନି ଆହରଣ, କଳସ ଯାତ୍ରା, ଦ୍ୱାରପାଳ ପୂଜା, ପାର୍ଶ୍ୱଦେବତା ପୂଜା, ଅଗ୍ନି ସ୍ଥାପନ, ଧ୍ୱଜା ଉତ୍ତୋଳନ, ସପ୍ତଚଣ୍ଡୀ ଯଜ୍ଞ, ଶନିଦେବଙ୍କ ୧୦୮ ଆହୁତି, ବାସ୍ତୁ ମଣ୍ଡଳ ପୂଜା, ଶନିଦେବଙ୍କ ମହାସ୍ନାନ, ଅଭିଷେକ, ପୂର୍ଣ୍ଣାହୁତି ପୂଜା କାର୍ଯ୍ୟ ନିର୍ବାହ କରିଥିବାବେଳେ କର୍ତ୍ତା ଦାୟିତ୍ୱ ବିଜୟ ନାୟକ, ପ୍ରଭାସିନୀ ନାୟକ ତୁଲାଇଥିଲେ। କଳସ ପରିକ୍ରମାରେ ଅନୁସୂୟା ନାୟକ, ସୁଷମା ମହାନ୍ତି,



ମିନତୀ ରାଉତ୍, ଯଦୁନାଥ ରାଉତ୍, ଉମାକାନ୍ତ ରାଉତ୍, ବସନ୍ତ ନାୟକ, ହୃଷୀକେଶ ପାତ୍ର, ହେମନ୍ତ ରାଉତ୍, ନରହରି ମଣ୍ଡଳ, କାର୍ତ୍ତିକ ପାଳ, ଚୈତନ୍ୟ ମହାନ୍ତି, ଶଶଧର ସାମନ୍ତରାୟ, ବିଦ୍ୟାଧର ବାରିକ୍, କୂଳ ନାୟକ ଯୋଗଦେଇଥିଲେ।

## ରାଜ୍ୟସ୍ତରୀୟ ବସନ୍ତ ଉତ୍ସବ ଓ ଲୋକକଳା ମହୋତ୍ସବ

ଭଦ୍ରକ,୨୨।୨(ସମିସ): ରବିବାର ଭଦ୍ରକ ଟାଉନ୍ ହଲ୍‌ଠାରେ ମୂର୍ଚ୍ଛନା ଓ ଓଡ଼ିଶା କଲ୍‌ଚର ଆର୍ଟ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ବସନ୍ତ ଉତ୍ସବ ଓ ଲୋକକଳା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଫେଷ୍ଟିଭାଲ ନିର୍ଦ୍ଦେଶକ ତଥା ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ଇଂ. ଅଭୟ ସୂତାରଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ସମ୍ମାନିତ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ ଯୋଗଦେଇ ଭଦ୍ରକର ଐତିହ୍ୟ ଓ ପରମ୍ପରା ଅତୀବ ପ୍ରାଚୀନ। ସମଗ୍ର ଦେଶରେ ଆମର ଭଦ୍ରକୀୟ ସଂସ୍କୃତି



ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ଆମର ପରିଚୟ ଶ୍ରୀବୃଦ୍ଧି କରିବାରେ ସହଯୋଗ କରିଛି ବୋଲି କହିଥିଲେ। ଏହି ଅବସରରେ କବୟିତ୍ରୀ ଦମୟନ୍ତୀ ରାଉତଙ୍କ ଭକ୍ତି ସଂଗୀତ କ୍ୟାସେଟ୍ "ହେ ପ୍ରଭୁ ନୀଳାମୟ' ଜିଲ୍ଲାପାଳଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଂଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକ ମଞ୍ଚ ଆମନ୍ତ୍ରଣ, ପ୍ରତିଷ୍ଠାତା ସମ୍ପାଦକ ବସନ୍ତ କୁମାର ଦାସ ମହୋତ୍ସବର ବିବରଣୀ ଓ ବିଶିଷ୍ଟ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଅଧିକାରୀ ଡ. ତ୍ରିଲୋଚନ ବରାଳ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ନଗେନ୍ଦ୍ର ପାଢ଼ୀ, ସମ୍ମାନିତ ଅତିଥି ଭାବେ ଚଳଚ୍ଚିତ୍ର ଅଭିନେତା ମିଟୁ ମିଥୁନ, ଚଳଚ୍ଚିତ୍ର ଗାୟିକା ଏଞ୍ଜୋଲା ମିଶ୍ର ଓ ଭାଗବତ ଟୁଙ୍ଗି ପ୍ରଚାର ସମିତିର ସଭାପତି ନଙ୍ଗୁଳି ବାବା, ପ୍ରଦୀପ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସାମ୍ବାଦିକ ଡ. ହରିହର ନାୟକ, ପ୍ରଭାତ ଦାଶ, ଅପୂର୍ବ ରଞ୍ଜନ ବେହେରା, ସଙ୍ଗୀତ ନିର୍ଦ୍ଦେଶକ ରାମନାରାୟଣ ମହାନ୍ତି, ରମେଶ ଚନ୍ଦ୍ର ରାୟ, ପଣ୍ଡିତ ସନ୍ତୋଷ ମିଶ୍ର, ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ବେହେରା, ଅଧ୍ୟାପିକା ଦେବସ୍ମିତା ମିଶ୍ର, ଶିକ୍ଷୟିତ୍ରୀ ମନୋରମା ରାୟ, କବୟିତ୍ରୀ ସଂଯୁକ୍ତା ବଳ, ମମତା ବଳ, କବି ଶଶାଙ୍କ ପଣ୍ଡା, କ୍ୟାପ୍‌ଟେନ ଓମ୍‌କାର, ରାଜଶ୍ରୀ ଓଝା, ଶଶିକାନ୍ତ ବେହେରା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଦମୟନ୍ତୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ସତ୍ୟସାଇ ବିଦ୍ୟାବିହାରର ଉଦ୍‌ଘାଟନ ଉତ୍ସବ

ବାସୁଦେବପୁର,୨୨।୨(ସମିସ): ବାସୁଦେବପୁର ପୌରପାଳିକାର ନୂତନ ପାର୍କ ନିକଟସ୍ଥ ଯାଦବ କଲୋନୀ ପରିସରରେ ସତ୍ୟସାଇ ବିଦ୍ୟାବିହାରର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ପ୍ରାକ୍ତନ ଅଧ୍ୟକ୍ଷ ଭାଗିରଥି ପଲାଇ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ସୁଧାଂଶୁ ଶେଖର ମିଶ୍ର, ବରେଣ୍ୟ ଅତିଥି ଭାବେ ସ୍ମୃତିରଞ୍ଜନ ପଳିତା, ପ୍ରାକ୍ତନ ଶିକ୍ଷକ ସଦାନନ୍ଦ ବେହେରା, ପ୍ରାକ୍ତନ ଅଧ୍ୟକ୍ଷ ରତ୍ନାକର ବାରିକ, ସତ୍ୟସାଇ ବିଦ୍ୟାବିହାର ଅଧ୍ୟକ୍ଷ ନିତ୍ୟାନନ୍ଦ ବେହେରା ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ସମାଜର କିଛି ଶିକ୍ଷାବିତ୍‌ଙ୍କ ପ୍ରଚେଷ୍ଟାରେ ଶିକ୍ଷା ଆଲୋକ ଜଳାଇ ଭଲ ମଣିଷଟିଏ ଗଢ଼ିବାର ପ୍ରୟାସ କରୁଛନ୍ତି। ଶିକ୍ଷା ସହିତ ବୌଦ୍ଧିକ ଜ୍ଞାନର ଶିକ୍ଷା ପ୍ରଦାନ କରାଯିବ। ପ୍ରଶାନ୍ତ କୁମାର ପରିଡ଼ା ମଞ୍ଚ ପରିଚାଳନା କରିଥିଲେ। ନୂତନ ବିଦ୍ୟାଳୟର ଶୈକ୍ଷିକ ପରିବେଶ ସହିତ କୁନିକୁନି ଶିଶୁମାନଙ୍କୁ ବିଭିନ୍ନ ଖେଳନା ମାଧ୍ୟମରେ ଶିକ୍ଷାଦାନ କରିବାର ବ୍ୟବସ୍ଥା କରାଯାଇଛି।



କୃଷକ ସାଥୀଙ୍କ ସମ୍ମିଳନୀ

## ଆକ୍ରୋଶମୂଳକ ଭାବେ ୩ ଜଣଙ୍କ ପ୍ରୋତ୍ସାହନ ରାଶି ବନ୍ଦ

ବନ୍ତ/ଆଗରପଡ଼ା,୨୨।୨(ସମିସ): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ଅଧୀନ ଆଡ଼ିଆ ପଞ୍ଚାୟତ କୃଷକ ସାଥୀ ରାଧାକାନ୍ତ ଆଇଚ, ଗୋବିନ୍ଦପୁର ପଞ୍ଚାୟତ କୃଷକ ସାଥୀ ପର୍ଶୁରାମ ପଣ୍ଡା ଏବଂ ତୋଡ଼ଗାଁ ପଞ୍ଚାୟତ କୃଷକ ସାଥୀ ଭରତ ଚନ୍ଦ୍ର ପହିଙ୍କୁ ଆକ୍ରୋଶମୂଳକ ଭାବେ ୨୦୨୫ ଏପ୍ରିଲ ମାସଠାରୁ ମାସିକ ପ୍ରୋତ୍ସାହନ ରାଶି ପ୍ରଦାନ କରା ନ ଯିବା ନେଇ ରବିବାର ବନ୍ତ ଜଳସେଚନ ଅଫିସ ପରିସରସ୍ଥିତ ଶିବ ମନ୍ଦିରଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସମ୍ପୃକ୍ତ କୃଷକ ସାଥୀମାନେ ଅଭିଯୋଗ କରିଛନ୍ତି।

ଅଭିଯୋଗରୁ ପ୍ରକାଶ ଯେ, ବନ୍ତ ବ୍ଲକ୍‌ର ୨୫ ପଞ୍ଚାୟତର ପ୍ରାୟ ୪୦ ଜଣ କୃଷକ ସାଥୀଙ୍କୁ ମାସିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଥିବା ବେଳେ ଏହି ୩ ଜଣ କୃଷକ ସାଥୀଙ୍କୁ ଆକ୍ରୋଶମୂଳକ ଭାବେ ଦୀର୍ଘ ୧୦ ମାସ ହେବ ମାସିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉନାହିଁ। ଅନ୍ୟାୟ ବିରୋଧରେ ପ୍ରତିବାଦ କରିବା ଏବଂ ସୂଚନା ଅଧିକାର ଆଇନରେ ସୂଚନା ମାଗିବା କ'ଣ ଅପରାଧ ବୋଲି ସେମାନେ ଅଭିଯାଗ କରିଛନ୍ତି। ବ୍ଲକ୍ କୃଷି ଅଧିକାରୀ ଏହି ବ୍ଲକ୍‌କୁ ଆସିବା ପରେ ପ୍ରଥମ ବୈଠକରେ କୃଷକ ସାଥୀଙ୍କ ନିଯୁକ୍ତି ଓ



ବହିଷ୍କାର ସମ୍ପର୍କରେ ଆଲୋଚନା କରିଥିଲେ। ପରବର୍ତ୍ତୀ ସମୟରେ କୃଷକ ସାଥୀମାନେ କୌଣସି କାରଣରୁ ଅଭିଯୋଗ କରିବା ପରେ କୃଷକ ସାଥୀ ସଂଘର ସମ୍ପାଦକ ରାଧାକୃଷ୍ଣ ଆଇଚ ଓ ସଭାପତି ପର୍ଶୁରାମ ପଣ୍ଡାଙ୍କୁ ଚାକିରିରୁ ବାହାର କରିବା ପାଇଁ ଯୋଜନା କରାଯାଉଛି। ୨୦୨୪-୨୫ ରବି ଫସଲ କାର୍ଯ୍ୟକ୍ରମରେ ବ୍ୟାପକ ଅନିୟମିତତା, ବିହନ ବଣ୍ଟନରେ ହେର୍‌ଫେର୍, ଚାଷ ନ କରି ହିତାଧିକାରୀ ଚୟନ, କାଗଜପତ୍ରରେ ସରକାରୀ ଯୋଜନା ପରିଚାଳନା କରାଯାଉଥିବା ନେଇ ପୂର୍ବରୁ କୃଷକ ସାଥୀମାନେ କରିଥିବା ଅଭିଯୋଗକୁ ଜିଲ୍ଲା କୃଷି ଅଧିକାରୀମାନେ ଯଦି ଭିତ୍ତିହୀନ ଭାବରେ ଖଣ୍ଡନ କଲେ, ତେବେ ମିଥ୍ୟା ଅଭିଯୋଗ ଆଧାରରେ ସରକାରୀ ଯୋଜନାର ପ୍ରଲୋଭନ ଓ ଉତ୍କୋଚ ପ୍ରଭାବରେ ସରପଞ୍ଚ ଓ ୱାର୍ଡ ସଭ୍ୟମାନଙ୍କୁ ବଶୀଭୂତ କରି କୃଷକ ସାଥୀଙ୍କୁ ଚାକିରିରୁ ବହିଷ୍କାର କରାଯିବାର ଯୋଜନା କରାଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ବ୍ଲକ୍ କୃଷି ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ସମ୍ପୃକ୍ତ ଅଧିକାରୀଙ୍କ ଦରମା ବନ୍ଦ କରିବା ସହିତ ତୁରନ୍ତ ଏଠାରୁ ବଦଳି କରିବାକୁ ସେମାନେ ଦାବି କରିଛନ୍ତି। ପ୍ରକାଶ ଥାଉକି, ବ୍ଲକ୍ କୃଷି ଅଧିକାରୀଙ୍କ ମନୋମୁଖୀ କାର୍ଯ୍ୟ, ବ୍ଲକ୍ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ବିଭିନ୍ନ ଅନିୟମିତତା ଏବଂ ସମ୍ପୃକ୍ତ ୩ ଜଣ କୃଷକ ସାଥୀଙ୍କୁ ୧୦ ମାସ ହେବ ମାସିକ ପ୍ରୋତ୍ସାହନ ରାଶି ପ୍ରଦାନ କରା ନ ଯିବା ନେଇ ଗତ ଜାନୁଆରୀ ୨୬ରେ ଜିଲ୍ଲାପାଳ, ଜିଲ୍ଲା କୃଷି ଅଧିକାରୀ, ଫେବୃଆରୀ ୨ରେ ଜିଲ୍ଲାପାଳ, ଫେବୃଆରୀ ୬ ଓ ୧୧ରେ ଓଡ଼ିଶା କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ନିର୍ଦ୍ଦେଶକ ଓ ପ୍ରମୁଖ ସଚିବ, ଯୁଗ୍ମ ନିର୍ଦ୍ଦେଶକ(ପ୍ରଶାସନ), ଯୁଗ୍ମ ସଚିବଙ୍କୁ ଅଭିଯୋଗ କରାଯାଇଥିଲା। ଫେବୃଆରୀ ୧୬ରେ ବନ୍ତ ବ୍ଲକ୍‌ରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ମଧ୍ୟ ଅଭିଯୋଗ କରାଯାଇଛି। ଫେବୃଆରୀ ୧୬ରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ କେତେକ ଚାଷୀ ସମ୍ପୃକ୍ତ ୪ ଜଣ କୃଷକ ସାଥୀଙ୍କ ବିରୋଧରେ କରିଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଫେବୃଆରୀ ୨୦ରେ ଜିଲ୍ଲାପାଳଙ୍କଠାରେ କୃଷକ ସାଥୀ ରାଧାକାନ୍ତ ଆଇଚ, ପର୍ଶୁରାମ ପଣ୍ଡା, ଭରତ ଚନ୍ଦ୍ର ପହି, ଜୟଦେବ ସିଂହ ଅଭିଯୋଗ କରିଛନ୍ତି।

## ଶ୍ରୀମାଙ୍କ ଜନ୍ମଦିବସ ପାଳିତ



ବନ୍ତ/ଆଗରପଡ଼ା,୨୨।୨(ସମିସ): ଦିବ୍ୟ ଜନନୀ ଶ୍ରୀମାଙ୍କ ଜନ୍ମଦିବସ ଆଗରପଡ଼ା ସ୍ଥିତ ଶ୍ରୀଅରବିନ୍ଦ ସାଧନ ପିଠ ଟ୍ରଷ୍ଟ ପରିସରରେ ପାଳିତ ହୋଇଯାଇଛି। ଶ୍ରୀମାଙ୍କ ଧରାବତରଣ ସମଗ୍ର ମାନବ ଜୀବନର ଏବଂ ପ୍ରକୃତିର ଏକ ଆମୂଳଚୂଳ ରୂପାନ୍ତରର ବାର୍ତ୍ତା ବହନ କରୁଛି। ମହାଶକ୍ତିଙ୍କ ମାନବ ଶରୀରରେ ପୃଥିବୀ ପୃଷ୍ଠରେ ପଦାର୍ପଣ ସମ୍ବନ୍ଧରେ ଏକ ବକ୍ତବ୍ୟ ଉପରେ ମାତୃପ୍ରେମୀମାନେ ଆଲୋଚନା କରିଥିଲେ। ସର୍ବ ପ୍ରଥମେ କରୁଣାମୟୀ ଦିବ୍ୟଜନନୀ ଶ୍ରୀମା ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ଚରଣ କମଳରେ ଧୂପପୁଷ୍ପ ଅର୍ପଣ କରାଯାଇଥିଲା। ରାଧାର ପ୍ରାର୍ଥନା, ମନ୍ତ୍ର ଉଚ୍ଚାରଣ, ଦୁର୍ଗା ସ୍ତୋତ୍ର ଓ ମା' ପୁସ୍ତକର ପଠନ ପରେ ସ୍ୱତନ୍ତ୍ର ପାଠଚକ୍ର ଆୟୋଜିତ ହୋଇଥିଲା। ଏହି ଦିବ୍ୟ କର୍ମରେ କୃଷ୍ଣ ସାର୍, ସୁବାସ ସାହୁ, ରଶ୍ମୀ କଟୁଆଳ, ଅନ୍ନପୂର୍ଣ୍ଣା ପଣ୍ଡା, ଅନନ୍ୟା ପଣ୍ଡା, ଅକ୍ଷୟ ରାଉତ, ବିଜ୍ଞାନ ମହାନ୍ତି, ତୃପ୍ତି ମହାନ୍ତି ଓ ଅନ୍ୟ ମାତୃପ୍ରେମୀମାନେ ଉପସ୍ଥିତ ଥିଲେ। ପାଠଚକ୍ରକୁ ମ୍ୟାନେଜିଂ ଟ୍ରଷ୍ଟି ଅରୁଣ ପଣ୍ଡା ସୁପରିଚାଳନା କରିଥିଲେ।

